GOVERNMENT OF INDIA
NATIONAL LIBRARY, CALCUTTA.

Class No. Or 891.452
Book No. P932 in

N. L. 38.
MGIPC—S4—6 LNL/56—25-7-56—50,000.
NOT TO BE LENT OUT

NATIONAL LIBRARY.

This book was taken from the Library on the date last stamped. A late fee of 1 anna will be charged for each day the book is kept beyond a month.

135

24 FEB 1971

57

19 JAN 1982

N. L. 44.
MGIPC—S4—39 LNL/56—15-4-57—20,000.

188.C.70.
B

ନନ୍ଦିକେଶ୍ୱରୀ ।

ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।

184.c.70.

ନନ୍ଦିକେଶ୍ୱରୀ

(ନାଟକ)

ଶ୍ରୀ ଭିକାରୀଚରଣ ପଟ୍ଟନାୟକଙ୍କ ଦ୍ୱାରା

ପ୍ରଣୀତ

ଓ

ପ୍ରଥମ ବାର ପ୍ରକାଶିତ ।

PRINTED BY V. KAR
The Utkal Sahitya Press,
CUTTACK.
1915.

ମୂଲ୍ୟ ଟ • ।୵ ଛ ଅଣା ।

NOT TO BE LENT OUT

18. FEB. 19

ଅନୁମତିପତ୍ର ।

ମୋହର ପରମାରାଧ୍ୟ ୰ପିତୃଦେବଙ୍କ ରଚିତ 'ନନ୍ଦକେଶରୀ' କାବ୍ୟକୁ ନାଟକାକାରରେ ପ୍ରକାଶ କରିବାକୁ ବାବୁ ଭିକାରୀଚରଣ ପଟ୍ଟନାୟକଙ୍କୁ ଅଗ୍ରହ-ସହକାରେ ଅନୁମତି ଦେଲି ।

୭-୮-୧୯୧୫ ।

ଶ୍ରୀ ଶଶିଭୂଷଣ ରାୟ୍ ।

Or
891.452
P932n.

ନାଟ୍ୟୋଲ୍ଲିଖିତ ବ୍ୟକ୍ତିଗଣ ।

ପୁରୁଷ—

ସୁବର୍ଣ୍ଣକେଶରୀ—କେଶରୀବଂଶର ଶେଷ ରାଜା ।
ଚୂଡ଼ଙ୍ଗଦେବ—ଗଙ୍ଗାବଂଶର ପ୍ରଥମ ରାଜା ।

ସୁବର୍ଣ୍ଣକେଶରୀଙ୍କ ସେନାପତି, ଦଳପତିଗଣ, ସୈନ୍ୟଗଣ; ଗୋଟିଏ ଯାନଦଶାପ୍ରାପ୍ତ ବୃଦ୍ଧ ଓ ଉକ୍ତ ବୃଦ୍ଧର ପୌତ୍ର ଗୋଟିଏ ବାଳକ; ଭୃତ୍ୟ; ସୁବର୍ଣ୍ଣକେଶରୀଙ୍କ ମନ୍ତ୍ରୀ, ଦୂତ, ଦ୍ୱାରୀ; ଗ୍ରାମ୍ୟ ଲୋକମାନେ; ଜଣେ କଟକବାସୀ; ହରି ପଣ୍ଡା ପାଚକ; ମାଲି; ପାରିଷଦଗଣ; ଚୂଡ଼ଙ୍ଗଦେବଙ୍କ ହାବିଲଦାରଗଣ, ସାମନ୍ତଗଣ; ମନ୍ତ୍ରୀ ବାସୁଦେବ; ମହାପାତ୍ର, ନନ୍ଦନ ଏବଂ ଲକ୍ଷ୍ମଣ ପ୍ରଭୃତି ଚଣ୍ଡୀସେବକଗଣ; ପାତ୍ରଗଣ, ଦ୍ୱାରୀ, ଶିବିକାବାହକଗଣ; ପ୍ରହରୀ ଓ ଚୂଡ଼ଙ୍ଗଦେବଙ୍କ ଦୂତ ।

ସ୍ତ୍ରୀ—

ନନ୍ଦକା—ସୁବର୍ଣ୍ଣକେଶରୀଙ୍କ କନ୍ୟା ।
ରାଣୀ—ସୁବର୍ଣ୍ଣକେଶରୀଙ୍କ ପତ୍ନୀ ।

ନଟୀବୃନ୍ଦ, ଗ୍ରାମ୍ୟ ସ୍ତ୍ରୀଗଣ, ନନ୍ଦକାର ସହଚରୀ, ସଖୀଗଣ, ଦାସୀ ବାଳିକା, ମାଲୁଣୀ, ନର୍ତ୍ତକୀଗଣ, ଯୋଗମାୟା ବେଶରେ ଚଣ୍ଡୀଦେବୀ, ପୁରଂରମଣୀଗଣ, ଜାହ୍ନବୀ ଦେବୀ, ସହଚରୀ ପ୍ରଭୃତି ଏବଂ ଅପ୍ସରାବୃନ୍ଦ ।

ନନ୍ଦିକେଶ୍ୱରୀ ନାଟକ ।

ପ୍ରସ୍ତାବନା ।

ନଟୀବୃନ୍ଦ ।

ଗୀତ ।

ହେ ରଜତକେଶରୀ ସୁବର୍ଣ୍ଣକେଶରୀ
ତୁମ୍ଭ ସଙ୍ଗେ କେ ସମ ଆନ,
(ଦେଖ) ସୁନୀଳ ଗଗନେ ବସି
ଚନ୍ଦ୍ର ତାରା ହସି ହସି
କରନ୍ତି ତବ ଗୁଣ ଗାନ ।
ସରୋବର ହିଲ୍ଲୋଳେ ଦେଖ ତବ ଯଶୋରାଶି
ସ୍ଫଟିକ ଉଜ୍ଜ୍ୱଳରୂପେ କି ସୁନ୍ଦର ପରକାଶି,
ପୁଣି ମନ୍ଦ ସମୀରଣ
କରି ମୃଦୁ ସଞ୍ଚରଣ
ଶୁଣାଉଛି ପୂର୍ବ ଖ୍ୟାତିମାନ ।
ଶ୍ରେଷ୍ଠ ମଣିଲ ନୃପତି ମନ୍ଦିରବ୍ରତେ ହେଲ ବ୍ରତୀ
ତୁଚ୍ଛ ମଣି ରାଜସିଂହାସନ ।

ପ୍ରଥମ ଅଭିନୟ ।

ପ୍ରଥମ ଦୃଶ୍ୟ ।

ରଙ୍ଗଭୂମି ।

(ସେନାପତି, ଦଳପତିଗଣ ଓ ସୈନ୍ୟଗଣ ।)

୧ମ ଦଳପତି—ଆହେ ବନ୍ଧୁ ଯୋଧଗଣ
ସର୍ବେ କରଅଛ ଜ୍ଞାନ
ବୈରି ଗଙ୍ଗ ସଙ୍ଗେ ଆଜ କରିବ ସଂଗ୍ରାମ,
ଆସ ଆଗେ ନିଜ ବଳ ହେବା କଷାକଷି,
କାହାର କି ବୀର୍ଯ୍ୟ
କେତେ ଅବା କାହାର ଶକତି,
ଦେଖ ଆଗେ ପରିଚୟ ଆସ ଆମ୍ଭ କତି,
ଆସ ବନ୍ଧୋ, ଧର ଦମ୍ଭ, ବିଳମ୍ବ ନ କର,
ମଲ୍ଲଯୁଦ୍ଧେ ଥିଲେ ଜ୍ଞାନ ହୁଅ ଅଗ୍ରସର ।

(୨ୟ ଦଳପତି ପ୍ରତି)

ଆସ ପାରିକୁଦବାସୀ !
ଅଟ ତୁମ୍ଭେ ଉଦଦର୍ପହାସୀ,
ଜଳବେଷ୍ଟିତ ହ୍ରଦକୂଳେ କର ସଦା କ୍ରୀଡ଼ା,
ଶୁଣିଅଛୁ ଶିଖିଅଛ ନାନା କଉଶଳ ।

(୩ୟ ଦଳପତି ପ୍ରତି)

ଦାଣ୍ଡିମା ଲବାୟୀ ଆସ,
ଦେଖାଯିବ ଶୈଳ ଶିରେ ଭ୍ରମି ନିରନ୍ତର ।
ସେବ ପାଦଗନ୍ଧ ବାୟୁ
ଧରିଅଛ କେତେ ପରାକ୍ରମ ।

(୪ର୍ଥ ଦଳପତି ପ୍ରତି)

ଆସ ମାଲ୍ୟଗିରିଶୃଙ୍ଗୀ ।

(୫ମ ଦଳପତି ପ୍ରତି)

ଆସ କନ୍ଦବୀର !
ବ୍ୟାଘ୍ର ଭଲ୍ଲୁକଙ୍କୁ ତବ ନାହିଁ ଭଲେ ଡର,
ଆସ ଥରେ ଚିହ୍ନାଚିହ୍ନି ହେବା ଆଜ ବଳ ।

(୬ଷ୍ଠ ଦଳପତି ପ୍ରତି)

ତୁମ୍ଭେ ଆସ ଅସୁରଦଣ୍ଡଧାରୀ,
ନାମ ତବ ବଡ଼ ଭୟଙ୍କର,
ଗୁଣ ଥିଲେ ଦେଖାଅ ସତ୍ଵର ।

୬ଷ୍ଠ ଦଳପତି—ଗୁଣ ଦେଖିବାକୁ ଇଚ୍ଛା ?
ଆଛା, ଧର ଦମ୍ଭ, ନାହିଁ ଚିନ୍ତା,
ହରିଚଣ୍ଡୀ ବରପୁତ୍ର ଆମ୍ଭେ,
ମାତା ହରିଚଣ୍ଡୀ ବଳେ
ନ ଡରୁଁ ହରଙ୍କୁ ଜଗେ,
ତୁମ୍ଭେ ପୁଣି କି ଗୁଣ ଦେଖିବ !

(ଅଗ୍ରସର)

୧ମ ଦଳପତି—ଜଣାଯିବ କାର୍ଯ୍ୟରେ ସକଳ,
ଆମ୍ଭେ ମଧ୍ୟ ଭଗବତୀସୁତ,
ଶୁଣ୍ଢ ଶାଳପତ୍ରରେ
ପୂତତୋୟା ଚନ୍ଦ୍ରୋତ୍ପଳା ଘରେ ।

(ଦୁନ୍ଦୁଭିର ମନ୍ଦ୍ରଧ୍ୱନି ଓ ୧ମ ଦଳପତିଙ୍କର ଭୂତଳେ ପତନ)

ଅନ୍ୟ ଦଳପତିଗଣ—(କରତାଳି ଦେଇ) ଥାଉ, ଥାଉ, ଥାଉ,
ଆଉ ନା, ଆଉ ନା, ଜଣାଗଲା, ଜଣାଗଲା ।

ସେନାପତି—ଜଣାଗଲା ବୀର୍ଯ୍ୟ ତବ,
ଜଣାଗଲା ଚଣ୍ଡୀଦେବୀ ଚରଣସନ୍ତାପୀ,
କିଛେ କି କୃପାଣ ତାଙ୍କ
ନିତ୍ୟ ନିତ୍ୟ କରୁଅଛି ଏତେ ରକ୍ତପାନ ?
ଅଚ୍ଛା, ଥାଉ ଏବେ ମଲ୍ଲକ୍ରୀଡ଼ା,
ଦେଖା ଯାଉ ଅସ୍ତ୍ରବିଦ୍ୟା କେଜାଣେ କେମନ୍ତ ।
ଏତେ ଦେଶୁଁ ଏତେ ବୀର
ଉତ୍ସ ହୋଇଛନ୍ତି ଅସି ଧର ଧନୁ ଶର,
ଜଣେ ଜଣେ ମାରନ୍ତୁ ସକଳେ,
ଦେଖାଯିବ କେ କେମନ୍ତ ପାରେ ଲକ୍ଷ୍ୟଭେଦ ।

(ଧନୁର୍ଦ୍ଧରଗଣ ଅଗ୍ରସର)

୧ମ ଧନୁର୍ଦ୍ଧର—ଏହି ଲକ୍ଷ୍ୟ !
ଏ ତ ଅତୀବ ସୁସାଧ୍ୟ,
ପିତୃ ପିତାମହ ଅବଧେ—
ସେ ତ ବଞ୍ଚିନା ବାନ୍ଧୁଅଛି ।

ପ୍ରଥମ ଅଭିନୟ ।

ତହିଁ ଆମ୍ଭେ କରି ଲକ୍ଷ୍ୟ ବିହଙ୍ଗମଗଣେ
ଯାଉଥାନ୍ତି ଉଡ଼ି ଯେବେ ଗଗନମାର୍ଗରେ,
ଗୁ ଚ୍ଛିପନ୍ତୁ ଏକ ଶରରେ ଗଣ୍ଡା ଗଣ୍ଡା ଖଗ ।

ସେନାପତି—ବର୍ଣ୍ଣିବା ବାହୁଲ୍ୟ ମାତ୍ର,
ଫଳେ ତାର ପରିଚୟ ମିଳିବ ଏକ୍ଷଣି ।

(ଧନୁର୍ଦ୍ଧରଙ୍କର ଶର ନିକ୍ଷେପ ଓ ବିଫଳ ଏବଂ ସମସ୍ତଙ୍କର କରତାଳି ଓ ଉଚ୍ଚ ହାସ୍ୟ । ସୁବର୍ଣ୍ଣକେଶରୀ ପ୍ରବେଶ, ଶିଙ୍ଗାଧ୍ୱନି, ଅନ୍ୟାନ୍ୟ ସୈନ୍ୟମାନଙ୍କର ପ୍ରବେଶ ଏବଂ ନିୟମିତରୂପେ ଦଣ୍ଡାୟମାନ ହୋଇ ଅବସ୍ଥାନ ।)

ସୁବର୍ଣ୍ଣ—ସେନାପତି ! ଏହି ସବୁ ଅବଶିଷ୍ଟ ସୈନ୍ୟ ?

ସେନାପତି—ଆଜ୍ଞା, ଏହି ଅବଶିଷ୍ଟ ।
କେତେକାଳୁ ହେଲାଣି ସଂଗ୍ରାମ,
ବହୁଅଛି ଅବିଶ୍ରାନ୍ତ ଶୋଣିତପ୍ରବାହ,
କେତେ ସୈନ୍ୟ ପଶିବେ ବା ତହିଁ ?
ତେବେ ଅଳ, କନକା, କୁଜଙ୍ଗ,
ଅସ୍ତ୍ରରଙ୍ଗ, ଚନ୍ଦ୍ରଦ୍ୱାର, ଉତ୍ତର କୋଶଳୁ,
ଛତିଆ, ଦର୍ପଣ ଆଦି ସ୍ଥୋର, ଭଦ୍ରଖରୁ,
ନୀଆଳୀମାଧବ, କୋଠଦେଶ କୋଠରଙ୍ଗୁ,
ମାଳଟିର, ତାଳଚେର ଆଦି କେତେ ସ୍ଥାନୁ
କେତେ ଶୂର ଆସି ଏହି ସମରପ୍ରାଙ୍ଗଣେ
ଦେଲେ ପ୍ରାଣ କେ ଅବା ଗଣିବ ତାହା !
ଜୟ ମହାରାଜ !

ସର୍ବେ ଦେଇଛନ୍ତି ପ୍ରାଣ ଯୁଝି ବୀରପଣେ,
ଯୁଦ୍ଧକ୍ଷେତ୍ରେ ପଶ୍ଚାତ୍‌ପଦ ହୋଇ ନାହିଁ ଜଣେ,
କମ୍ପା ଦେହ ମର ନାହିଁ
ନ ମାର ବିପକ୍ଷ ସୈନ୍ୟ ।

ସୁବର୍ଣ୍ଣ— ସୈନ୍ୟବୃନ୍ଦ !
ତୁମ୍ଭେ ବଳ, ତୁମ୍ଭେ ବୀର୍ଯ୍ୟ,
ତୁମ୍ଭେ ଅଟ ଦେଶର କୌଶଳ୍ୟ
ତୁମ୍ଭ ସେନ ସ୍ୱକା ବଳଧର,
ଶୁଭାଶୁଭ ସବୁ ତୁମ୍ଭ କରେ ।
ଦେଖ, ସାବଧାନ, ସାବଧାନ !
କୁଳେ ଯଥା ନ ଲାଗେ କଳଙ୍କ ।
ବୀରସୁତ, ବୀରରକ୍ତ ପ୍ରବାହିତ ଦେହେ,
ଦେଖାଅ ବୀରତ୍ୱ ସର୍ବେ ପ୍ରବେଶି ସଂଗ୍ରାମେ ।
ପିତୃ ପିତାମହ ଖ୍ୟାତି ସ୍ମରି ମାନସେ
ବାନ୍ଧ ହୃଦେ ଅଟଳ ସାହସ,
ଧର ଅସି, ମାର ଅରି,
ଅରିରକ୍ତେ ଭିଜୁ ଏ ଅବନୀ ।
ମହାଦର୍ପୀ ମ୍ଳେଚ୍ଛ ଗଣ,
ଅସି କାହିଁ କର୍ଣ୍ଣାଟରୁ
ଯେହ ବସିଅଛି ଦ୍ୱାର ମହାଦର୍ପଭରେ,
ଦର୍ପୀ ଦର୍ପ କର ଚୂର୍ଣ୍ଣ,
ଉଡ଼ାଅ ବିଜୟକେତୁ ଉତ୍କଳଗଗନେ,

କେତେ ପିତା, କେତେ ପୁତ୍ର, କେତେ ଭ୍ରାତା ବନ୍ଧୁ
ପଠାଇଲୁ ପ୍ରେତପୁରେ ପାପୀ ଶତ୍ରୁସାଥେ;
ପୁଣି ଯେବେ ପଶେ ଗୃହେ,
ନାଶିବୁଲେ ଅନ୍ତଃଗୃହ ନୋହେ ଅସମ୍ଭବ,
ମାତା ପରୀ ଅପମାନ ସହିବୁ କେମନ୍ତେ ?
କେମନ୍ତେ ନୟନେ ତାହା କରିବ ଦର୍ଶନ ?
କର ପଣ, ବିନାଶ ଅରାତି,
କିମ୍ବା ଦେଇ ନିଜ ପ୍ରାଣ
ହସି ହସି ଯାଅ ସୁରଲୋକେ ।
କୁଳଦେବୀ ଚଣ୍ଡୀ ଠାକୁରାଣୀ,
ନାମ ତାଙ୍କ ଚିନ୍ତ ସଦା ମନେ,
ସମରେ ସପକ୍ଷା ନିଶ୍ଚେ ହେବେ ଭଗବତୀ ।
ଚଣ୍ଡମୁଣ୍ଡେ ମୁଣ୍ଡମାଳ ଲମ୍ବାଇ ଗଳାରେ,
ନାଶିଥିଲେ ଦୈତ୍ୟ ଯେଉଁ ବେଶେ,
ଧରି ସେହି ବେଶ ଆଜ ରହି ଗୁପ୍ତତରେ
କରିବେ ସଂଗ୍ରାମ ମାତା ମିଶି ତୁମ୍ଭ ସଙ୍ଗ ।
ତାହିଁ ଚିନ୍ତା, କାହିଁ ଭ୍ରାନ୍ତି,
ଦର୍ପଭରେ ପ୍ରବେଶ ସମରେ ।

(ସୁବର୍ଣ୍ଣକେଶରୀ ପ୍ରସ୍ଥାନୋଦ୍ୟତ, ସୈନ୍ୟମାନଙ୍କର ଶ୍ରଦ୍ଧାପୂର୍ବକ ଅଭିବାଦନ ଓ ସୁବର୍ଣ୍ଣକେଶରୀଙ୍କର ପ୍ରସ୍ଥାନ । ତତ୍ପରେ ସମସ୍ତଙ୍କର ପ୍ରସ୍ଥାନ ।)

ଦ୍ୱିତୀୟ ଦୃଶ୍ୟ ।

ପୁଷ୍କରଣୀ ଘରରେ ରାଜପଥ ।

(ଗୋଟିଏ ବୃଦ୍ଧ ଓ ଗୋଟିଏ ବାଳକର ଭିକାରୀ ବେଶରେ ପ୍ରବେଶ ।)

ବୃଦ୍ଧ—ଆ, ଧାଇଁ ଆ, ଧାଇଁ ଆ, ଧାଇଁ ଆ

ବାଳକ—ଭାରି ଭୋକ କଲାଣି ।

ବୃଦ୍ଧ—ଭୋକ କଲାଣି ? ଭୋକ କଲାଣି ? ଆ ଧାଇଁ ଆ, ଧାଇଁ ଆ, ଧାଇଁ ଆ ।

ବାଳ—ଭାରି ଭୋକ କଲାଣି, ମୁଁ ଆଉ ଯାଇ ପାରିବି ନାହିଁ ।

ଗୀତ ।

ନାହିଁ ନାହିଁ ନାହିଁ ଅଜା ଆଉ ପାଦ ଚଳୁ ନାହିଁ,
ଭାରି ଶୋଷ ଭାରି ଭୋକ ପିଣ୍ଡରେ ତ ପ୍ରାଣ ନାହିଁ ।
ଦେଖ ମୋ କରମଦଶା ଉଡ଼ି ଯାଉଛି ମୋ ହିଆ,
ଅଜା ଦେଉଛ ବରଷା ଧାଇଁ ଆ ଧାଇଁ ଆ ଧାଇଁ ।
(ମୋର)ବାପ ଭାଇ କେହି ନାହିଁ, କେ ଏହା ଦେଖିବ ମୁହିଁ ।

ବୃଦ୍ଧ—ଆଉ ଅଳ୍ପ ବାଟ, ଆ ବାପ ଆ, ହେଲ ଦିଶିଲାଣି । ଏଇ ଯେଉଁ ନଡ଼ିଆ ଗଛ ଦିଶୁଛି, ସେଇ ଗାଁରେ ପହଞ୍ଚିଲେ ଦେଖିବା, କାହାର ଯେବେ ଦୟା ହୁଏ, କେହି ଯେବେ କିଛି ମୁଠାଏ ଦିଏ । ଆଉ ଏଥିକି ତ ସେଇ ଯମ ବଇଚ, କଣ ଏତେ ବଳିଯାଏ ଗଲାଣି ତ ? (ସ୍ୱଗତ) କଏ ଦରଦ, ସମସ୍ତଙ୍କର ତ ଅର୍ଥ ଏଇ ଦଶା ହେଲାଣି ।

ଯାହା ସଙ୍ଗରେ ପଢ଼ିଥିବ, ତା ସଙ୍ଗେ ଡକା ବୋବାଳି ।
ଓହୋ ! କାହାକୁ କହିବ, ପାଞ୍ଚ ପାଞ୍ଚଟା ଧୁନ୍ଧୁକାର ପୁଅ,
ହା ବିଧାତା ରେ ! ଏ ଯମ ମୋହ ଲାଗି ଅଣିଥିଲୁ !
ବୁଢ଼ାଦିନେ ମୋ କପାଳରେ ଏଇ ଦଶା ଥିଲା ! ଗୋଟାଏ
ବଳ ଥାଆନ୍ତା ! ହା ଚଣ୍ଡାଳ ! ହା ଚଣ୍ଡାଳ ! ପିଲ-
ଗୁଡ଼ାଙ୍କୁ କି କଲବଲ କଲୁ ! (ପ୍ରକାଶ୍ୟେ) ଚାଲ, ବାପ
ଚାଲ, ଆଉ ଅଳ୍ପ ବାଟ । ଗୋଡ଼ ଘୋଳେଇ ହଉଚି ?
ଏଁ ରେ ବାପ ? ଗୋଡ଼ ଘୋଳେଇ ହଉଚି ?

ବାଳକ—ନାଇଁ ।

ବୃଦ୍ଧ—ହଉ, ଗୋଟିଏ ଗୋଟିଏ ଚାଲ, ମୋ ହାତ ଧ ।

(ବୃଦ୍ଧର ହସ୍ତଧାରଣ ଓ ଦୁହିଁଙ୍କର ଧୀରେ ଧୀରେ ପ୍ରସ୍ଥାନ ।)

(ଜଳଶୟରେ ଦୁଇଜଣ ସ୍ତ୍ରୀଙ୍କର ଜଳ ନିମନ୍ତେ ପ୍ରବେଶ ।)

୧ମ ସ୍ତ୍ରୀ—ଅଲୋ ଭଉଣି, ଟୋକାଟା କୁଆଡ଼େ କେତେବେଳୁ
ଯାଇ ବୁଲୁଚି, ଏତେବେଳ ହେଲାଣି, ଦେଖା ନାହିଁ ।
ଖାଇ ତ ବଳ ବଳ ହେଇଁ ମଲି । ବୁଢ଼ାର ବୋଲର
ହେଲେ ସିନା ହୁଅନ୍ତା । ଅମାନଙ୍କ କଥାକୁ କିଏ ପାଇବ ?
ଛତି କୋଡ଼ ପିଲା ହେଇଚି ଯେ କଥା ମାଇଦେବ ?

୨ୟ ସ୍ତ୍ରୀ—ମୋ ପୁଅଟା ତ ସେମିତି ସକାଳୁ ଗଲାଣି, କୁଆଡ଼ୁ
ପିଇସା ବହୁ କଣ ହେଇଚି, କେତେଥର ଖବର ଦେଇ
ଦେଇ—ଏଥରେ କଣ କୁଆଡ଼ରୁ ଛାଡ଼ ଦବାକୁ ଆଗେ
ହେମନ୍ତ ପାଣ୍ଡେ—କହନ୍ତେ ଟିକିଏ ପଶୁଥିଲା ନାହିଁ,
ଯାଇଚି, କଅଣ କରୁଚି, କେତେବେଳେ ଅଉଚି

ହେଲାଣି । ଏତ ହାଲ ଯୋଉଁ ସ୍ପୃହା, ଖାଟପଟ ବନ୍ଦ ହୋଇଗଲାଣି । ଏବେ କେଉଁଠି ଧରିବ କରିବ, କଣ କହିବ, ମନ ଆଉ କାହିଁରେ ଲାଗୁ ନାହିଁ ।

୧ମ ସ୍ତ୍ରୀ—ବାଲୁଆ କୁକୁର ହଲ ହଲ ହଉଚନ୍ତି, କାଉ ଶାଗୁଣା ମେଲା ମେଲା; କାହା ପଛଅସ୍ତ ପାଇବ, ଏବେ କୋଉଁଠିକି ଛାଡ଼ିବ ! ଅମର ସ୍ପୃହା କାମ ନା ଦାମ, ଖାଲି ତ କୁଅରେ ଯାଇଁ ବୁଡ଼ିବ, ବସୁଅଛା ତ ହେଲା, କଅଣ କରିବ, ତା ଲାଗି ମତେ ହେଲେ ମରଣ ହୁଅନ୍ତା କି, ମୁଁ ଆଉ ପାରିବ ନାହିଁ !

୨ୟ ସ୍ତ୍ରୀ—ଚାଲ ଗୋଡ଼ କାଢ଼ି, ଚଞ୍ଚଳ ପାଣି ନବା, ଯିବା, କାଲେ ଆସିଥିବେ ।

(ଉଭୟଙ୍କର ପ୍ରସ୍ଥାନ ।)

ଚତୁର୍ଥ ଦୃଶ୍ୟ ।

ଚନ୍ଦ୍ରଶାଳା ଗୃହ (କକ୍ଷ)

(ନନ୍ଦକାର ପ୍ରବେଶ ।)

ଗୀତ ।

ଆସି ଦେବ କି ସତେ ଆଶା ଦେବତା
ମୋ ହୃଦୟରତନ ।
ପ୍ରେମଘାଟରେ ଛନ୍ଦ ଯାହାକୁ ପିନ୍ଧି
୧ କରିବ ଯତନ ।

ଧଇଲି ତୋ ଚରଣ   ପଶିଲି ତୋ ଶରଣ
ନୋହିଲେ ତୁ ସାହା   ବୁଡ଼ିବ ମୋ ନାହା
ଛିଣ୍ଡିବ କେତନ ।

ଅଭାଗିନୀ ରମଣୀ   ପାଇବ କି ସେ ମଣି
କେଉଁଠାଣି ଯଦବା   ବଧି ବାଦ ସାଧି
କରିବ ନୂତନ ।

ନନ୍ଦିକା—'ଶ୍ୱେରଗଙ୍ଗ' 'ଶ୍ୱେରଗଙ୍ଗ'
ଆହା ! କେଡେ ସୁମଧୁର ନାମ !
ଘୋଷୁଥାନ୍ତି ନାମଟି ମୁଁ ହେଉଛି ବାସନା,
'ଶ୍ୱେରଗଙ୍ଗ' 'ଶ୍ୱେରଗଙ୍ଗ' 'ଶ୍ୱେରଗଙ୍ଗ'
ଶୁଣିଅଛି ରୂପେ ପୁଷ୍ପଧନୁ,
କେଡେ ବୀର୍ଯ୍ୟ ! କେଡେ ପରାକ୍ରାନ୍ତ ପୁଣି ।
ଯେବେ ଯେବେ ମହାବୀର ସମସ୍ତ ଉତ୍କଳ
ଦମ୍ଭ ଧରି ଗଲେ ଯୁଝିବାକୁ,
ସମସ୍ତେ ଡରିଲେ ମନ୍ତ୍ରୀ ଶ୍ୱେରଗଙ୍ଗ ଶରେ ।
କନିକା, କୁଜଙ୍ଗ, ମହର ହରିଶପୁର,
ଆଲ ଶାଳପୁର—
କେତେ ସ୍ଥାନ କହୁ ନ ଆସଇ ମୋତେ,
ନିର୍ବୀର୍ଯ୍ୟ ହେଲେଣି ଅସି ଶ୍ୱେରଗଙ୍ଗ ରଣେ ।
ଆହା ! ଧନ୍ୟ ଧନ୍ୟ !
ଧନ୍ୟ ସେ ରମଣୀ ଯେଉଁ ପତ୍ନୀ ହେବ ତାଙ୍କ,
ଭାଗ୍ୟବତୀ ସେହୁ ଏ ମହୀରେ,

ବଡ଼ ଅଭାଗିନୀ ମୁହିଁ,
ମୋହ ହେତୁ ଯହିଁ କର ମନ୍ତ୍ରୀ ବାସୁଦେବ
ଅପରାଧୀ ହୋଇ ଅଦ୍ୟା ହେଲେ ଦେଶାନ୍ତର,
ଜାଣିଲି ମୋ ଭାଗ୍ୟ ମନ୍ଦ ।
ଦିଶୁଅଛି ଏହି ରଣକ୍ଷେତ୍ର,
ଦେଖିଥାଏଁ ଅବେ ହେଲେ ମୂରତି ତାଙ୍କର,
କରୁଥାଏଁ ନୟନ ତୃପତ ।

(ରଣକ୍ଷେତ୍ର ଦର୍ଶନ । ସହଚରୀ ପ୍ରବେଶ ଓ ନଟକା ପ୍ରତି ଅଙ୍ଗୁଳି ଦେଖାଇ)

ଗୀତ ।

ଏହି ପରି ପ୍ରୀତିବରି ମଣିମନ୍ତ୍ର ହାରିଛି,
କେଶରୀକୁଳକଙ୍କଶୋଭୀ ରାଜଦୁଃଖହରିଛି ।
ଯତେ ଖସିଛି ମରତେ ସ୍ୱରଗର ତାରିଛି,
ଗୋରି ତନୁ ଜଳ ଯାରି କେଉଁ ଦୁଃଖଭରିଛି ।
ହେମ ପଦ୍ମ କଞ୍ଜ ନୟନୁ ବହେ ଲୁହଧାରିଛି,
ମନ୍ଥି ଭାବେ କସ ଭାବେ ନାହିଁ ତାର ଗୁରିଛି ।

ସହଚରୀ—ଜେମାଦେଇ ! ଗୁଣମଣି !
ଏ କି ନୂଆ ଭାବ ଆଜ ଦେଖିଲି ତୁମ୍ଭର ?
ଦେଖା ନାହିଁ ଶୁଣା ନାହିଁ କେବେ,
ପିଲାଟିଦିନରୁ ତୁମ୍ଭେ
ଛଳ ଦେଖି ବାଲି ପରି ହୋଇଯାଅ ସଦା,
ଧାଇମା କୋଳରେ ନେଇ ଲୁଚୁଅ ମଥାକୁ,

ସେହି ତୁମ୍ଭେ, ଅଳି ପୁଣି କିପି ଏକୁଟିଆ,
ଡରେଖି ଦେଖୁଛ ସ୍ୱପ୍ନ !
ଆହା ! ମହା ଭୟଙ୍କର !
ମନେ ପଡ଼ିଗଲେ ଯାହା
ଶୀତକଣ୍ଟା ମାରଇ ଦେହରେ !
କପାଁ ସଖି ଏ ଭାବ ତୁମ୍ଭର ଅଳି ?

ଗୀତ ।

ଚେମ୍ପା ବନା କି ଫୁଲ ସମ୍ଭାଳ ରଙ୍ଗେ !
ଉଡ଼ିବ କେଣେ ଯଦ ପବନ ବଙ୍ଗେ ।
ଢୋଇଲେ ଖସ୍ତ
ଲସିବ ଭ୍ରସ୍ତ
ହେମରତନ ତନୁ ଏହା କି ସଙ୍ଗେ'
ଆସିବ ଅଳ
କଇବ ଅଳ,
ଯେନ ଦମ୍ଭିନ ମୋର, ଅନ୍ତର ଦହେ ।

ନନ୍ଦକା—ପ୍ରାଣସଖି
କର ଧରୁଅଛ ଚୋର,
ନ କହବୁ କାହାରିକୁ ତୁହ ।
ଦେଖିଲି ମୁଁ ଉଣ କାରେ ବାସନା ମୋହର,
ନ ଡରିଛି କେବେଁ ମୁହିଁ,
ଫେର ଯା ତୁ, ଏବେ ମୋ କକ୍ଷରେ,

କେହ୍ନ ଯେବେ ଖୋଜେ ମୋତେ,
ଡାକ ଦେବୁ ଅସି ଗୁପତରେ ।

ଷଡ଼ଚକ୍ଷୁ—ଏକା ଥିବ ? ଏ କି କଥା ? ଥିବ ଏକା ?

ନନ୍ଦତା—ହଁ—ଥିବ ଏକା ।

ହାତ ଧରୁଅଛୁ ତୋର,
ଫେର ଯା ଲୁ ବେଗ କର ।

(ଷଡ଼ଚକ୍ଷୁର ପ୍ରସ୍ଥାନ ଓ ନନ୍ଦତାର ରଣକ୍ଷେତ୍ର ଦର୍ଶନ ।)

(ସଚକିତେ) ହେଇ—ହେଇ ।
କିଏ ଏହୁ ବୀରବର !
ଆହା ! ଆହା ! (ନୀରବେ ଦୃଷ୍ଟିପାତ)
ମନୁଷ୍ୟ ଏ ! ଆହା ! (ନୀରବେ ଦୃଷ୍ଟିପାତ)
ଅଙ୍ଗେ ବର୍ମ ଶିରେ ଶିରସ୍ତ୍ରାଣ
କରଯୁଗେ ଝଲକ କୃପାଣ,
ବାଜପୃଷ୍ଠେ କରି ଆରୋହଣ
ଶିଖଣ୍ଡିବାହନ ସମ ଦଉଡ଼ୁଛନ୍ତି ରଣେ ।
ଆହା ! ଏ ରୂପକୁ
ଶିଖଣ୍ଡି ବାହନ ସହ—

(କାତରସ୍ୱରେ ହସ୍ତ ତୋଳାଇ କାତରସ୍ୱରରେ)

ଓଃହୋ ! ଓଃହୋ ! ଆହା ! ଆହା !

(ବାଜୁ-ଦର୍ଶନ-ଏବଂ ଅନ୍ତରରେ ଅସ୍ତ୍ର ପୋଛ ପୋଛ)

ହେଁ ହେଁ ବାବା ।
ପଶି ଆସୁଛନ୍ତି ଆହା ଅଗ୍ରଭଗହଲେ;
କିନ୍ତୁ ଯଥା ମତ୍ତକରୀ ଦଳେ ନଳିନବନ
ଦଳ ଶବ୍ଦ, ପେଲୁଛନ୍ତି ତଥା କ୍ଷଣକରେ !

(କ୍ଷଣକାଳ ନୀରବ ଦର୍ଶନ):

ଆହା କି ଲଳିତ ଲାବଣ୍ୟ ପ୍ରତିମା !
ଜଗତେ ସୁଷମା ଉପମାର ସୀମା !
ଆହା ! ଖଳବଧ !
ଏ କଧିକ ଖଞ୍ଜିଲ୍ଲ ରୁ ରଣ-ବ୍ୟବସାରେ !
ଅଟେ ଯେତୁ ପୁଷ୍ପ ଉପବନ ଯୋଗ୍ୟ
ପକାଇଲ୍ଲ ନେଇ କାହିଁ
ଅସିଲତା ବନେ ତାକୁ !
ଯାର କଳେବର ଆହା !
କୁସୁମପଲ୍ଲବ ଯୋଗ୍ୟ,
କଲ୍ଲ ତାକୁ ଧୂଳିଧୂସରିତ ?
ବହି ଯାଉଅଛି ଶ୍ରମବାରି ଅବିରତ,
ବଢ଼ ଡର ମାଡ଼େ ମୋତେ,
ଶପଦ ମଧ୍ୟରେ ପଶି କରନ୍ତି ସଂଗ୍ରାମ,
ଦେଖିପଛୁ କିଏ ଭବିତବ୍ୟ ?
ଶତ୍ରୁର ଶରବ୍ୟ ହେବା ନୋହେ ଅସମ୍ଭବ ।
ବଡ଼ ଚତୁର, ବଡ଼ କପଟୀ ରୁ ବହୁ !
ମୃଣାଳରୁ ଜନ୍ମାଇ ରୁ ରକ୍ଷିବୁ କଣ୍ଟକେ,

ଜଳଅଛୁ ଚନ୍ଦନକୁ ପଲଟଣବାସ,
ସହଜାକୁ ଦୈତ୍ୟ ଅସ୍ତ୍ରାଘାତ
ଦେଲୁ ଜନ୍ମ ଶିଖଣ୍ଡିବାହନେ;
କେମନ୍ତେ ବୁଝିବ ବୁଦ୍ଧ କ ଅଭିସନ୍ଧରେ
ସୃଜଅଛୁଁ ଏରୂପ ବିଧାନ ?
ପୁଣି ଶୁଣିଅଛୁ—
ଜାହ୍ନବୀ ଜନନୀ ତାଙ୍କ,
କେମନ୍ତେ ବା ପେଷି ପୁତ୍ରେ ଏଘୋର ସମରେ
ରହିଛନ୍ତି ଦେଶାନ୍ତରେ ସେହୁ ?
ଧୈର୍ଯ୍ୟ ଧରିଛନ୍ତି ବା କେମନ୍ତେ ?
ବୁଝି ନ ହୁଅଇ କିଛି,
ଦେବକୂଟ, ଦେବୀମାୟା
କେମନ୍ତେ ବୁଝିବ ଜୀବ ଧରି ନରଦେହ ?
ପୂର୍ବଯୁଗେ ଏହି ଗଙ୍ଗାଦେବୀ
ଶୁଆଇଲେ ଦେବବ୍ରତେ ଶରଶୟନରେ,
କୁମର ଏ ଯେଣୁ ତାହାଙ୍କର,
କେ ଅବା ଯାଇବ କହି
ଲେଖିଛନ୍ତି କିସ ଭାଗ୍ୟେ ତାଙ୍କ ?

(ସହଚରର ପ୍ରବେଶ)

ସହଚରୀ—ଆସ ଜେମା, ବେଗେ ଆସ, ମା ଅସି କେତେ ଖୋଜିଲେଣି, ଆସ, ଆସ ।

(ଜେମା ଓ ସହଚରୀ ଦୁହିଙ୍କର ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ ।

ଉପବନ ।

(ନେବାର କ୍ରମେ। ସଖୀମାନଙ୍କର ନୃତ୍ୟ କରୁ କରୁ ଓ ଗୀତ ଗାଇ ଗାଇ ପ୍ରବେଶ ।)

ଗୀତ ।

ସରସିର ନୀର ନାଚେ ଢାଳେ ଧୀର ପବନେ ।
ଗୋଲାପ୍ ରଚଛବନ୍ଧ ନୀର ଆସନେ ।
    କୁମୁଦଧନ   ସୁଧାବଦନୀ
ଆନନ୍ଦରେ ନାଚେ ଦେଖି ଶବା ବଧୂବଦନେ ।
ମଧୁକର ଧରେ ତାନ ମଞ୍ଜୁ ଗୁଞ୍ଜନେ ।
    ସଞ୍ଚଳ ଶୋଭା   ଲୋଚନଲୋଭା
ମିଶାଇଛି କି ସୁନ୍ଦର ସେହୁ ନୀଳବରଣେ ।
ଲୋହିତ ଘନ ରଙ୍ଗେ କି ନୀଳଗଗନେ ।

୧ମ ସଖୀ—କେମାଦେଈ ବିମ୍ବାଧରି
    କାହିଁକି ବିରସ ଆଜ ସରସବଦନ ?

୨ୟ ସଖୀ—ସଖି ! ଜାଣିନାହିଁ କି ? ସପ୍ତୁଦନ କଣ ସମାନ ଯାଏ ? କେମାଦେଈ କଣ ସବୁଦିନେ ପିଲା ହୋଇ ରହିଥାନ୍ତେ ? ଏଣିକି ଏଣିକି କେତେ ନୂଆଁ ଭାବ ମନରେ ହେବ, ସେ ସିନା ଫୁଟି କଣ ପଦ୍ମ କାହାନ୍ତି !

୩ୟ ସଖୀ—ସତ କହିଲ ସଖି ! ତୁମେ ବଡ଼ ଚତୁରୀ ।

୧ମ ସଖୀ—ଭଲ ଦେଖିଲୁ କେମାଦେଈ ଆମର ଦନ୍ତୁଦନ

କେତେ ଲାବଣ୍ୟ ଦିଶିଲେଣି, ସତେ କି ନୂଆ ଲତାଟିଏ
ହସି ହସି ପଲ୍ଲବ ଉଠୁଛି ! ଆହା !

ଅନ୍ୟ ସଖୀ—ସତ କହିଲ ସଖି ସତ କହିଲ,
ସଖୀ ନାଁଟି କଣ ରଖିଲ ।

ନନ୍ଦକା—(ବିନମ୍ରଭାବେ) ସଖିଏ ଲୋ ! କାହିଁକି ମତେ ଏତେ ଗଞ୍ଜଣା ଦେଉଛ ଭଲା ? ମୁଁ ତୁମ୍ଭମାନଙ୍କର କୋଉଁ ଗଣ୍ଠିଧନ ଲୁଟିକରି ନେଲି ? ମତେ କାହିଁକି ଭଲା ଏତେ ଛଳେଇ ଛଳେଇ କହୁଛ ?

୧ମ ସଖୀ—ନାହିଁ ଗୋ ଜେମାମଣି, ଆମ୍ଭେ ପୁଣି ଥଟ୍ଟା କରି ପାରୁଁ ? ତୁମେ ଆଜ ମନୁଷ୍ଟି ମାରିଦେଇ ବସିଛ ବୋଲି ମନ ଆନମାନ କରିବାପାଇଁ ସିନା ପାଞ୍ଚକଥା ଏଣୁତେଣୁ କହିଲୁଁ, ସତକରି କହିଲ ଭଲା, ତାହାଙ୍କୁ ଏତେ ଦରସ ହବ ?

ନନ୍ଦକା—ଦରସ ନୁହେଁ ସଖି ! ମନଟା ତାହାଙ୍କୁ ଖାଲି ଘୁରେଇ ଘୁରେଇ ହଉଛି, କହୁ ବୁଝୁନି, ଭଲ ଲାଗୁ ନାହିଁ । ଏହି ଉପବନଟି ମୋ ଆଖିକୁ କେତେ ସୁନ୍ଦର ଚନ୍ଦପଟ ପରି ଦିଶେ, ଭିନ୍ନ ଆଜ ତାହାଙ୍କ ମରୁଭୂମି ପରି ଦିଶୁଛ, ଏତେ ସୁନ୍ଦର ଫୁଲଗଛଗୁଡ଼ାକ ମତେ କଣ୍ଟାଗଛ ପରି ଦିଶୁଛନ୍ତି । ବିଧାତା ମୋ ପାଇଁ କଅଣ ପାଞ୍ଚିଛି କେଜାଣି !

(ସର୍ବ-ପ୍ରସ୍ଥାନ

ଗୀତ ।

ନନ୍ଦିକା—ଅଣା କାନନରେ କେଉଁ ମନରେ ପୁଲକେ
ଫୁଟି ଫୁଲିଛି ।
କାହୁଁ ଖଗ ଆସି ଦେବ ପଗ ଧାସି
ସୋହାଗ ସମ୍ଭାର କି ପଡେ ଯିବ ଓଲଟି !

୧ମ ସଖୀ—ଗୁଣମଣି ମୋହର
ତାହା ମନେ ନ ଧର }

୨ୟ ସଖୀ—ଆସିବ ମଧୁକର
ହସିବ ଦରଦର }

୩ୟ ସଖୀ—ଭୁଲି ଫୁଲ ଅଧର
କର କେତେ ଆଦର }

୪ର୍ଥ ସଖୀ—ପରମ ମଧୁ ପାନେ ଦେବ ସହାଗ ଲୁଟି ।

ସଖୀଗଣ—ଚାଲ ଦେବି ! ମା ତେଣେ ବାଘୁଣୀ ହୋଇଯିବେନ ।

ନନ୍ଦିକା—ହଉ ତେବେ ଚାଲ ।

(ଅଗ୍ରେ ନନ୍ଦିକା ଏବଂ ତତ୍ ପଶ୍ଚାତ୍ ସଖୀମାନଙ୍କର ଗୋଟି ଗୋଟି ହୋଇ ପ୍ରସ୍ଥାନ ।)

ଦ୍ୱିତୀୟ ଅଭିନୟ ।

ପ୍ରଥମ ଦୃଶ୍ୟ ।

ରାଜଭବନ ।

(ଭୃତ୍ୟର ପ୍ରବେଶ)

ଗୀତ ।

ମାଳତୀଲତା ସୁନ୍ଦରୀ
ଧୀରେ ଧୀରେ ଉଠି ଶିରେ ବସେ ଅବଶ ।
ନ ଜାଣି ତରୁବର କଲା ତାକୁ ଆଦର,
ସେ ପୁଣି ଅବଶେଷେ ହେଲା ତା ଅରି ।

ଭୃତ୍ୟ—ଅଜ ପ୍ରାଣସଙ୍ଗିନୀ ଆମର କୁଆଡ଼େ ଗଲେ ? ଏତେ-ବେଳଯାଏ ଦେଖା ନାହାନ୍ତି । ପିଠିଟା ତ ଗଲଗଲ ହେଲାଣି, କାନ ଦିଟା ତ ସଲସଲ ହେଲାଣି । ହେଇ ଆଇଲେଣି ତ ।

(ଦାସୀ ଦାନକାର ପ୍ରବେଶ, ଦାସୀ ଗୀତ ଗାଇବା ସମୟରେ ଭୃତ୍ୟର ନାନାପ୍ରକାର ଇଙ୍ଗିତ କରଣ ।)

ଗୀତ ।

ତରୁବର କେଡ଼େ ଉଦାର,
ମାଳତୀର ମଣ୍ଡନେ ଶୋଭା ସଞ୍ଚାର ।
ମହୁଆ ମଧୁପ ଅସି ଲୁଟି କରେ ମଧୁଗୁଣି
ଦେଖେ ଶୁଣି କହେ ନାହିଁ ସହେ ତରୁର ।

1884 [illegible] 70

ଦାସୀ ବାଳକା—ଆ ରେ ସାପଖିଆ ! ଇଏ କଣ ? ସାପଖିଆ, (ଭୃତ୍ୟକୁ ଗୋଡ଼ାଇ ଗୋଡ଼ାଇ ପ୍ରହାର) ମରୁ ନାହୁଁ ? ମତେ କଣ କହି ପାଇଲୁଣି ଆ ରେ ?

ଭୃତ୍ୟ—ନାହିଁ, ନାହିଁ, ନାହିଁ,

ଦା. ବା—ନାହିଁ, ନାହିଁ, ଯୋଗମାଖିଆ ଚାତୁରି କରୁଚ, ମୁଁ କଣ ତୋର ଶାଳୀ ?

ଭୃତ୍ୟ—ନାହିଁ, ନାହିଁ, ଠା—ଠା—ଠା—ଠକୁରାଣୀ, ବଡ଼ ଠକୁରାଣୀ ।

ଦା. ବା—କଣ କହିଲୁ ରେ ଯୋଗମାଖିଆ ? ନଇଶୁଆଲୁ ଏଇଛିଣି (ପ୍ରହାରାର୍ଥେ ଉଦ୍ୟତ ଓ ଭୃତ୍ୟର 'ନାହିଁ' 'ନାହିଁ' କହି କହି ପଳାୟନ) ସାପଖିଆ ମୁଣ୍ଡରେ କାଉ ଉଡିଲାଣି, ଭଢ଼ ଯୋଗମାଖିଆ ! ଆଜ ପାଟମହାଦେଈଙ୍କ ଛାମୁରେ କହୁଚ, ସାପଖିଆ ପିଠିରୁ ଯେବେ ପରସ୍ତେ ଚେମ୍ପା ଛଡ଼େଇ ନ ଦେଇଚ ।

ଭୃତ୍ୟ—ହେ ହେ ହେ, ତୋ ମୁଣ୍ଡ ଧରୁଚ । (ମସ୍ତକସ୍ପର୍ଶ)

ଦା. ବା—ସାପଖିଆ, ସାପଖିଆ (ପ୍ରହାର)

ଭୃତ୍ୟ—ତୋ ହାତ ଧରୁଚ, (ହସ୍ତଧାରଣ) ତୋ ଗୋଡ ଧରୁଚ, (ପଦଧାରଣ) ତୋ ଗୋଡ଼ତଳେ ପଡୁଚ, (ସାଷ୍ଟାଙ୍ଗ ପ୍ରଣାମ) ଝଙ୍କ ମାଇଲି, ନାକ ଘଷୁଚ, (ନାଶାଘର୍ଷଣ) ହେ ହେ ହେ, (ବାଳକାର ଓଷ୍ଠ ସ୍ପର୍ଶ) ପାଟମାହାଦେଈଙ୍କୁ କହିବୁ ନାହିଁ । ତତେ—ତତେ—ତତେ—ତୋ-ମୋ ରାଣଟି ।

ଦା. ବା—ସାପଖିଆ, କହିବି ନାହିଁ ?

ଭୃତ୍ୟ—ହେ, ହେ, ହେ, ମୋର ବ କେତେ କଥା ଅଛି, ତୋର ବ କେତେ କଥା ଅଛି, ଅଜ ତୁ କହିବୁ, କାଇଁ ମୁଁ କହିବ, ଫେର ତ ଏଇଠି ଦେଖାଦେଖି ହେବା ? (ଔଷ୍ଠଧାରଣ) ଅହା ! କି ସୁନ୍ଦର ମୁହଁ ଖଣ୍ଡି ! ମୋ ମୁହଁଠାରୁ ଅଧିକ ସୁନ୍ଦର । (ତୁଳନାର୍ଥ ବାଳକାର ମୁଖ ନିକଟରେ ନିଜର ମୁଖ ସଲଗ୍ନ କରି ଦେଖାଇ) ଆ ଯିବା, ତୋର କାମ ସବୁ ସରିଚ ?

ଦା. ବା—ହଁ ସରିଚ ।

ଭୃତ୍ୟ—ଆ ତେବେ ଆ, ତୁ ଅଉ ରାଣୀମାନଙ୍କ ପାଖକୁ ଯା ନା ।

ଗୀତ ।

ଭୃତ୍ୟ—ଯା ନା ଯା ନା ତୁ ଜ୍ୱନା ମୁହଁରେ ।
(ଏବେ) ଫେରିବ ହୋ ନା କଥା କଥାରେ ।
ଦା. ବା—ହାଡ଼ ଜଳୁଛି ଟାହୁଲି ଦେଉ,
ବିଛ ମାରୁଛି ମୋର ମଥାରେ ।

ଭୃତ୍ୟ—ଆଲୋ ଆ
ଦା. ବା—ଅରେ ଯା
ଭୃତ୍ୟ—ଆଲୋ ଆ
ଦା. ବା—ଅରେ ଯା

ଭୃତ୍ୟ— ଗୁଞ୍ଜି ଗୁଞ୍ଜି କରି ଚମ୍ପା ନା ତୁ
ଟାଙ୍ଗି ଟାଙ୍ଗି ପଛେ କର ଥଟାରେ ।
ଦା. ବା—ଚଳ ଚଳ ମୁଁ ନଡ଼ ପାଖ ରୁ
ରହ ଯାଉଛି ପଛପୁଷ୍ପାରେ ।

ଛାତ୍ୟ—ଅଲେ ଅ
ଦା. ବା—ଅରେ ନା
ଛାତ୍ୟ—ଅଲେ ଅ
ଦା. ବା—ଅରେ ନା
ଭାରଦ୍ୱେ—ମନ ପରାଣ ଦେଲେ ମିଶାଇ
ସରଗ ଗୃହ ହାତ ମୁଠାରେ ।

(ପ୍ରସ୍ଥାନ)

(ଦୂତର ପ୍ରବେଶ)

ଦୂତ—　କାହିଁ ଗଲେ ମହାରାଜ ?
ଓହୋ ! ଓହୋ ! କି କହିବ !
କେମନ୍ତେ ମୁଁ ଦେବ ବାର୍ତ୍ତା ଆଜ ?

(ସୁବର୍ଣ୍ଣକେଶରୀଙ୍କର ପ୍ରବେଶ)

ମହାରାଜ ! ପ୍ରଣତି ଶ୍ରୀପଦେ ।
ସୁବର୍ଣ୍ଣ—ଦୂତବର ! କି ବାରତା ଆଜ ରଣେ ?
ଦୂତ—ମହାରାଜ ! ସର୍ବନାଶ, ସର୍ବନାଶ ଆଜ ।
କି କହିବି ରଣବାର୍ତ୍ତା,
ସବୁ ଆଶା ବ୍ୟର୍ଥ ଆଜ ଯୁଦ୍ଧେ,
ଯୁଦ୍ଧ ଆଶା ପୂରିଲା ଅଜନ୍ତୁ,
ସେନାପତି ଆହତ ସଂଗ୍ରାମେ,
ଚତୁର୍ଥ ଅଂଶରୁ ଅଂଶେ ଫେରିଛନ୍ତି ସୈନ୍ୟ ।
ସୁବର୍ଣ୍ଣ— (ସ୍ୱଗତରେ) ସେନାପତି ଆହତ।ସଂଗ୍ରାମେ !
ଅହୋ ! ନ ଗଲି ମୁଁ ରଣେ ଆଜ—

ଏବେ ମୋତେ ନ ଦେଖିଣ ସମରପ୍ରାଙ୍ଗଣେ,
ଅତ୍ୟାଗ୍ରସ୍ତ, ଦୁର୍ବୃତ୍ତ ପାମର
ବିନାଶିଲା ଏତେ ସୈନ୍ୟ ମୋର !
ସିଂହ ଅଦର୍ଶନେ ଦୁଷ୍ଟ ଶୃଗାଳ ସମାନ]
ନାଚୁଅଛି ମହାଦର୍ପେ
ନିର୍ଭୟ ଅନ୍ତରେ ଆଜ ।

ଦୂତ— ସେନାପତି ଅଦ୍ଭୁତ, ବାରତା
ପତି ନାହିଁ ରଣକ୍ଷେତ୍ରେ ଶତ୍ରୁର ଶ୍ରବଣେ,
ଶୁଣିଥିଲେ ସେ ବାରତା,
ଯାହା ଭଜି ଯାଇଛନ୍ତି,
ଫେରି ସେ ନ ଥାନ୍ତେ ଆଜ୍ ।

ସୁବର୍ଣ୍ଣ—ଦ୍ୱାରୀ !

(ଦ୍ୱାରୀର ପ୍ରବେଶ)

ଦ୍ୱାରୀ—ଆଜ୍ଞା ମହିମାଙ୍କ ?

ସୁବର୍ଣ୍ଣ—ଡାକ ଯା ମନ୍ତ୍ରୀଙ୍କୁ ବେଗେ ।

ଦ୍ୱାରୀ—ଆଜ୍ଞା ।

(ପ୍ରଣାମ ଓ ପ୍ରସ୍ଥାନ)

ସୁବର୍ଣ୍ଣ— ଦେଖାଇବି କାଲି ରଣେ,
ଦେଖିବ ରେ ମୋର ଭୁଜ କେଡ଼େ ବୀର୍ଯ୍ୟବନ୍ତ,
ଦେଖିବ ସାମର୍ଥ୍ୟ କାଲି,
ଧୂର୍ତ୍ତ, ଅଧମ, ପାପିଷ୍ଠ,
କରିଅଛୁ ମନେ ଆଶା ହେବୁ ଉତ୍କଳେଶ ?
ସବୁ ଆଶା ପୂରାଇବ ତୋର ।

କାଲି ଶରେ ଅସିଘାତେ
ଦେଖାଇବ ପ୍ରେତପୁର,
ଶୃଗାଳ, କୁକୁର, ଗୃଧ୍ର
ଭକ୍ଷିବେ ତୋ ରକ୍ତ ମାଂସ ।

(ମନ୍ତ୍ରିଙ୍କର ପ୍ରବେଶ ଓ ଅଭିବାଦନ)

ମନ୍ତ୍ରିବର !
ଶୁଣିଲଣି ରଣବାର୍ତ୍ତା ଆଜ ?
ଦେଖ, କେଡ଼େ ଦୁର୍ବୃତ୍ତ ସେ,
ଅସଭ୍ୟ ଅସ୍ପର୍ଦ୍ଧା ତାର,
ଜଳି ଯାଉଅଛି ଦେହ ଶୁଣିଲାବେଳକୁ ।
ଯିବି କାଲି ଜଙ୍ଗେ ରଣସାଜେ,
ଅସିଘାତେ ଦୁରନ୍ତକୁ
ଶୁଆଇବ ସମରପ୍ରାଙ୍ଗଣେ ।

ମନ୍ତ୍ରୀ— ମହାତ୍ମନ !
କାଲି ଯିବା ନୋହେ ସୁବଗୃର୍ଯ୍ୟ,
ସୈନ୍ୟ ସେନ ସଂଗ୍ରାମେ ଶତଧ,
ଶତ୍ରୁ ସୈନ୍ୟ ଅଛି ଅଳ୍ପ ବାକୁ,
ପୁନଃ ସୈନ୍ୟ ନ କରି ସଂଗ୍ରହ
ଯୁଦ୍ଧଯାତ୍ରା ନୋହେ ଯୁକ୍ତିଯୁକ୍ତ ।

ସୁବର୍ଣ୍ଣ— ମିଥ୍ୟା ନୁହେ,
ଯେଣ ବାର୍ତ୍ତା କାଲି ଗ୍ରାମେ ଗ୍ରାମେ,
କର ବେଗେ ଯୋଗ୍ୟ ଆୟୋଜନ ।

ମନ୍ତ୍ରୀ— ଶୁଣ ନରଦେବ,
ବାସୁଦେବ ମିଶିଛନ୍ତି ଅରାତି ସହିତେ
ଦେଉଛନ୍ତି ପରାମର୍ଶ ଏଥି,
ବଳାବଳ କଉଶଳ ସବୁ ଜଣା ତାଙ୍କୁ।
ତାଙ୍କର ଯୁକ୍ତିରେ ବୈର
କରିଅଛି ଏତେ ଦମ୍ଭ,
ଶୁଣିଅଛି ସବୁ ଛିଦ୍ର,
ଜଗି ବସିଅଛି ତେଣୁ ଗୃହି ସୁଯୋଗକୁ।

ସ୍ୱବର୍ଣ୍ଣ— ବାସୁଦେବ! ପାପିଷ୍ଠ, ପାମର,
ଦୁଷ୍ଟ, କ୍ରୂର, ଅବୋଧ, କୃତଘ୍ନ,
ଦେଶଗ୍ଲାନି, କୁଳଗ୍ଲାନି,
ଉତ୍କଳ ସନ୍ତାନ ହୋଇ ଉତ୍କଳ ବିପକ୍ଷ!
ନ ଧର ତା ନାମ ମୁଖେ,
ବ୍ରାହ୍ମଣ ବୋଲିବ ତାକୁ
—ବ୍ରାହ୍ମଣ ନା ଚଣ୍ଡାଳ ସେ—
ବ୍ରହ୍ମହତ୍ୟା ପାପ ଭୟେ
ଦେଇ ଖାଇ ପଡ଼ିଥାଇ ନ ବଧି ଜୀବନେ;
ଉଚିତ ନ ହେଲା କାର୍ଯ୍ୟ,
ବଧିବା ଉଚିତ ଥିଲା ସେହି ନାରକୀକୁ।
ମନ୍ତ୍ରିବର, ଯାଅ ବେଗେ
ପଠାଅ ବାରତା ଆଜ,
ଗଡ଼ଦ୍ୱାର ରକ୍ଷକର।
ସାବଧାନେ ଦିବସ ରଜନୀ ରହୁ ଚତୁର୍ଦ୍ଦିଗେ

ଅଗ୍ରସର ଶୀଘ୍ର ଗତି ।
ଦେଖ ସାବଧାନ !
ଅଙ୍ଗନିର୍ଣ୍ଣ ରହିବ ସତର୍କ ।

ମନ୍ତ୍ରୀ—ଆଜ୍ଞା ଛାମୁଙ୍କର ।

(ମନ୍ତ୍ରୀ ଓ ଦୂତର ପ୍ରସ୍ଥାନ)

ସୁବର୍ଣ୍ଣ— (ସ୍ୱଗତ)
କିବା ଆଶା, କି ଭରସା ଏ ସଂସାରେ,
ଜାଣିଛି ମୋ ଭାଗ୍ୟ ମନ୍ଦ,
ବୁଝିଲି ଏ ବାର୍ତ୍ତା ଭୁଗନ୍ତି,
ମ୍ଲେଚ୍ଛଗଣ ନେବ ରାଜ୍ୟ !
କିବା ପ୍ରୟୋଜନ ଆଉ ଏ ପାପ ଜୀବନେ !
କାହିଁ ଦେଖାଇବ ମୁଖ !
ମା ଚଣ୍ଡୀ ଦେବି !
ପୁରଅଧିଷ୍ଠାତ୍ରୀ ରୂପ,
ଆପଦେ ବିପଦେ ଆଶା ଶ୍ରୀପଦ ଛୋଡ଼ିବ,
ମା ବିପତ୍ତିବାରିଣି !
ରକ୍ଷକୁଳବିନାଶିନି !
ବିନାଶିଲୁ ଲକ୍ଷ ଲକ୍ଷ ରକ୍ଷବୀର
—ଶିବବରେ ପ୍ରଚଣ୍ଡପ୍ରତାପୀ—
ଧରି ନିଜେ ଉନ୍ମାଦିନୀ ବେଶ ।
ଆଜି ମାତଃ ! ଶୁଣିବୁ କି ଅରିଦର୍ପ
ନହିଲେ ହେଉଁଲେ ବସି ?

ସ୍ୱପକ୍ଷ ପଡ଼ିବ ଯୁଦ୍ଧେ ସମକ୍ଷେ ତୋହର,
କେମନ୍ତେ ଦେଖିବୁ ଦେବ ?
କେମନ୍ତେ ସହିବୁ ମାତ ! ଅସ୍ୱସ୍ତିକରକ ?
ଅସ୍ୱସ୍ତି ପଡ଼ିଲେ ଯୁଦ୍ଧେ
ଉଠିଯିବ ପୂଜା ତୋର,
ଶୋଭିବୁ କି ଏ ଲକ୍ଷ୍ମଣା
ବସି ଏଥି ପାଷାଣମୂର୍ତ୍ତିରେ ?
ଇଚ୍ଛା ଯାହା କର ଭଗବତି,
ନ ରଖିବ ପାପ ପ୍ରାଣ,
ଶକ୍ତି, ମୁକ୍ତି, ସାହସ, ସାମର୍ଥ୍ୟ,
ସବୁ ତୋହ ପଦଯୁଗ୍ମ',
ନ କହିବ ବୃଥା ଭଣ,
ସେନ୍ତୁ ଅଛନ୍ତୁ ମାତ ! ଶ୍ରୀପଦଯୁଗ୍ମାଟରେ,
ରାଜ୍ୟରକ୍ଷା ଭହଲ୍ଲ ତୋ କରେ,
ରଖିଲେ ରଖିବୁ ତୁହ,
ଅବା ଯାହା କରିବୁ ତୋ ଇଚ୍ଛା ।

(ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

ଅନ୍ତଃପୁର ଉଦ୍ୟାନବାଟୀ ।

(ସଖୀମାନଙ୍କର ପ୍ରବେଶ—ଗୀତ ଓ ନୃତ୍ୟ ।)

ଗୀତ ।

ପରକାଶି ବାସ ହାସ ସଖୀ ସୁମନସୁନ୍ଦରୀ,
ମନେ ମନେ ବନେ ବନେ ଉପବନେ ଲୋ
ଉଠୁ ଆନନ୍ଦଲହରୀ ।
ରତନେ ଯତନେ ସାଜ
ନୀରଜନୟନୀ ନାରୀକ,
ଶୋକଲେଖି ଚୋର ସଙ୍ଗ ପୂଜିବାକୁ ଈଶ୍ୱରୀ,
ଫତରକୁଟରୁ ଉଠି ଫୁଟ ଗୀରୁ-ଅଧର ।

୧ମ ସଖୀ—ଆସ ସଖି,
ନରେଶ ଆସିବା ବେଳ ହେଲାଣି ଏଥର,
ସଜାଇବା ଆସ ବେଗେ କୁସୁମଆସନ,
ସଜାଇବା ସାଆନ୍ତାଣୀ ମାନଙ୍କ ।

(ସମସ୍ତେ ବିଭିନ୍ନ ଦିଗକୁ ଅଗ୍ରସର ହୋଇ)

୨ୟ ସଖୀ—ଦେଖନ୍ତୁ ମୋ କୁସୁମ ବ୍ୟଞ୍ଜନ,
ଯତନେ ମୁଁ ସଜାଉଛୁ ଲାଗି ଦିନଯାକ ।

୩ୟ ସଖୀ—ମଲ୍ଲିକ ଗାନ୍ଥିଲଣି ଚେଣ୍ଡୁ,
ଦେଖିଲୁ ମୋ ଫୁଲତୋଡ଼ା,

(ଗୀତ) ବସନ୍ତ ଝପତାଳ ।

୧ମ ସଖୀ— ମୋର ଏ ତ ବକୁଳ ମୁକୁଳମାଳା,
ବାଁଧୁଲତ କରଦେବ ରସିକ ରସିକା ମନ
ପଡ଼ି ନ ପଡ଼ୁଣୁ ଗଳେ ।

୪ର୍ଥ ସଖୀ— ଦେଖ ମୋର କେତେ ଜାତି କେତେ ଫୁଲ
ନାଲି ନୀଳ କଳା ଧଳା
କେତେ ରଙ୍ଗ କି ସୁନ୍ଦର,
ରଖିଦେଲେ ଶେଯପାଇ କରି ଗୋଟି ଗୋଟି
ଲାଗେ ଲାଗୁଇବେ ମୁଗ
ଅକାଶରେ ତାରା କୋଟି କୋଟି !

(ଅଥକ ମଣ୍ଡଳରେ ଉଦ୍ଦାମ)

(ଅନ୍ତରୀକ୍ଷରେ ରାଣୀଙ୍କର ପ୍ରବେଶ ।)

ରାଣୀ— ସଖୀଏ ଲୋ ! ସଜନି ଲୋ !
କି କରିବ ! କାହିଁ ଯିବ !
ଫାଟିଲାଣି କର୍ମ ମୋର,
ଭୁଲିଲି ମୋ କର୍ମ ବାମ,
ବଧାତା ମୋ ହେଲା ପ୍ରତିଦ୍ୱନ୍ଦୀ ।

୧ମ ସଖୀ— ଏ କି ହେଲା ! ଏ କି ହେଲା !

୨ୟ ସଖୀ— କି ହେଲା ମା ! କି ହେଲା ମା !

୩ୟ ସଖୀ— କପାଁ କାନ୍ଦୁଅଛ ମା ଗୋ ?

ରାଣୀ— ସଖୀଏ ଲୋ ! କି କହିବ, କି କରିବ !

ଯେତେ ଆଉ ଘେନିବ ଏ ଭାଗ୍ୟ !
ଶୁଣିଲି ଏକ୍ଷଣି ଆଳି,
ବଣେ ଯାଇଛନ୍ତି ଢାଲି ସବୁ ଦଳ ବଳ ।
ମହାରାଜ ବଡ଼ ଶୋକାକୁଳ,
ନବେଶି ଭୟାଲେ ଭର
ଭାବୁଛନ୍ତି ବସିଣ ନିର୍ଜନେ,
ଭୃତ୍ୟଗଣେ ଆଜ୍ଞା ଦେଲେ ହେବାକୁ ଅନ୍ତର
ପ୍ରଫୁଲ୍ଲ ପଙ୍କଜ ଅଙ୍କ ଗଲାଣି ଝାଉଁଳି,
ଅହା ! କି ହୋଇବ ! କାହିଁ ଯିବ !
ପତ୍ନୀ ପ୍ରାଣ ପତିଗତ,
ପତି ସୁଖେ ପତି ଦୁଃଖେ
ସୁଖ ଦୁଃଖ ପତ୍ନୀଙ୍କର ।
ସଖୀଏ ଲୋ ! କହ ମୋତେ
କେମନ୍ତେ ସହିବ କହ ଏ ବଜ୍ରପ୍ରହାର !
କାହିଁ ବସି ଭାବୁଛନ୍ତି
ନ ଆସନ୍ତି ଅନ୍ତଃପୁରେ ଏତେବେଳଯାଏ ।

(ଅନ୍ୟ ଜଣେ ସଖୀର ପ୍ରବେଶ)

ଅପରା ସଖୀ—କାହିଁ ଦେବ ? କାହିଁ ଛନ୍ତି ମହାରାଜ ?
ଖୋଜ ଖୋଜ ଥକିଲିଣି,
ନ ଦେଖିଲି କାହିଁ ମନ୍ତ୍ରୀମାନଙ୍କୁ ।

ରାଣୀ—କାହିଁ କେବେ ଗଲେ ପ୍ରାଣନାଥ !
ପରାଣସଜନ ମୋର,
ଖୋଜିଲ ସମସ୍ତେ ଥରେ;

ଉପବନେ ଦେଖିଲ କେଉଁ ଯାଇ ।
(ସ୍ୱଗତ) ଅହୋ ! କାହିଁ ଗଲେ !
ଗଲ ବଧୂ ! ଗଲ ବୁଦ୍ଧି ନ ଗଲୁ ତୋହର !
କାହିଁ ବସି ଭାବୁଥିବେ ଅକୁଳହୃଦୟେ,
ପାଷାଣହୃଦୟ
ଫାଟିଯାନ୍ତା, ନ ସହନ୍ତି ଏ ବିପଦ ।

(ଅଗ୍ରେ ରାଣୀଙ୍କ ତତ୍ପଶ୍ଚାତ୍ ସଖୀମାନଙ୍କର ପଶ୍ଚାଦରେ ଧୀରେ ଧୀରେ ପ୍ରସ୍ଥାନ)

ତୃତୀୟ ଦୃଶ୍ୟ ।

ରାଜପଥ ।

(କେତେଜଣ ଗ୍ରାମ୍ୟ ଲୋକଙ୍କର ପ୍ରବେଶ)

୧ମ.ବ୍ୟକ୍ତି—ଆରେ ଭାଇ, ଆଉ ଦେଖୁଚ କଣ ? ମରିବା ତ ଗୋଟି ଗୋଟି ହୋଇ ସମସ୍ତେ । ଯେ ତ ଲଢ଼େଇରେ ମଲେ ମଲେ, ଆମେ ଖାଇ ଖାଇବା ବିନା ମରିବା !

୨ୟ ବ୍ୟ—ଚଷା ପୁଅ, ଚାଷ ଚଷିଲେ ଭାତ ଖାଇବା । ଏତେ ଦିନଯାଏ ବିଲରେ ହଳ ପଡ଼ିଲା ନାହିଁ, ଆଉ ହବ କଣ ?

୩ୟ ବ୍ୟ—ଭାଇ ମୋର ତ ପିଲାପିଲି ଅଧି ମଲେଣି, ମୁଲିଆ ମଣ୍ଡ, ମୂଲ ଲାଗିଲେ ଭାତ ଖାଏଁ । ଏଥିରେ କାମ କରଉଚ ବା କିଏ, ମୂଲ ଦଉଚ ବା କିଏ !

୨ୟ ବ୍ୟ—କଣ୍ଠି ମାନେ ଯକ୍ଷେ ହେଉଛ ଯେ, ଲୋକେ ସମ୍ଭାଳି ହେଇଯିବେ ?

୪ର୍ଥ ବ୍ୟ—ସରେ ତ ଯେ ଯାତ୍ରା ବହନ ଗଣ୍ଡୀକ ଭଙ୍ଗିଥିଲେ, ତା ସବୁ ଅସି ସାଇଲେଣି ।

୨ୟ ବ୍ୟ—ମୋର ତ ପିଲା ଝିଲା ହେଇ ଯାଉଛନ୍ତି, ଅମେ ଦ ପଣ୍ଡୁଣୀ, ସେଥିରେ ପୁଣି ବୁଢ଼ୀଟା । ଯାତ୍ରା ହେଲୁଣି ଆଉ କିଣ କହବ, ମନ ଜାଣିଲୁଣି !

୨ୟ ବ୍ୟ—ବାସୁଦେବ ମନ୍ତ୍ରୀ ଥିଲେ ଯେ, ତାଙ୍କୁ ଦେଶର ଚନ୍ତା ଲାଗୁଥିଲା, ସେ ତ ନାହାନ୍ତି, ଆଉ କିଏ ଖୋଜୁଚ ?

୧ମ ବ୍ୟ—ହଁ, ସେ ତ ଭଲ କଥା କହଲେ ବୋଲି, ଦୋଷୀ ହେଲେ ।

୪ର୍ଥ ବ୍ୟ—ଅରେ ଯା ଯାଃ ! ଭାରି ଭଲ କଥାଟା କହଲେ ! ଆମ ଜେମା ସାଆନ୍ତାଣୀଙ୍କୁ ବାହା ହୁଅନ୍ତା ଗୋଟାଏ ଗୈର ଗଙ୍ଗାଟା !

୧ମ ବ୍ୟ—ଅରେ ଯା ମ, ଲୁଅଚ୍ଚେ ଗୈର ଗଙ୍ଗାଟା ? ସେଇ ଗୈର ଗଙ୍ଗା ତ—

୪ର୍ଥ ବ୍ୟ—ସ୍ଲେପ୍ ସ୍ଲେପ୍ ! ଫେର ସେମିତ କହରୁ ତ ମୁଣ୍ଡ ଭାଙ୍ଗିଦେବ ।

୧ମ ବ୍ୟ—ଏଁ ! ମୁଣ୍ଡ ଭାଙ୍ଗିଦବୁ ନା, ଏତେ ମୁଣ୍ଡ ଭାଙ୍ଗିଲାବାଲା ହେଲୁଣି ?

୪ର୍ଥ ବ୍ୟ—ମୁଣ୍ଡ ଭାଙ୍ଗିଦେବି ! ବଦମାସ୍ !

୧ମ ବ୍ୟ—କଣ କହିଲୁ ? ବଦମାସ୍ ? ଏଡ଼େ ବଦମାସ୍ କହିଲା ବାଲା ହେଲୁଣି ? ଫେର କହିଲୁ ?

୪ର୍ଥ ବ୍ୟ—ବଦମାସ୍, ପାଜି ! (ଚପେଟାଘାତ) ମୁହଁ ହଲେଇ କଥା କହୁଚ !

୧ମ ବ୍ୟ—କି ରେ, ତୋ ମୁଣ୍ଡରେ କଣ ପିତ୍ତ ପଶିଲାଣି କି ? ତୁ ମାଡ଼ ମାରୁ ? ଏଡ଼େ ମାରିଲାବାଲା ହେଲୁଣି ! ମାରିଲୁ କେମିତି ମାରୁ ?

୪ର୍ଥ ବ୍ୟ—(ପୁନଶ୍ଚ ଚପେଟାଘାତରେ ଉଦ୍ୟମ ଓ ଦ୍ୱିତୀୟ ବ୍ୟକ୍ତି-ଦ୍ୱାରା ହସ୍ତ ଧାରଣ ।)

୨ୟ ବ୍ୟ—ଇଏ କଣ, ଇଏ କଣ, ପେଟକୁ ଦାନା ମିଳୁ ନାହିଁ, ପିଲା ଝିଲା ଖାଇବା ବିନା ଗଡ଼ି ମରୁଛନ୍ତି, ଇଏ ଅସି ଶୁଖିଲାରେ କଜିଆ ଲଗେଇଛନ୍ତି ?

୧ମ ବ୍ୟ—ଦେଖୁଚ ପରା ହୋ !

୪ର୍ଥ ବ୍ୟ—ତୁମେ ଦେଖୁଚଟି ?

୨ୟ ବ୍ୟ—ହିଁ ହିଁ, ମୁଁ ସବୁ ଦେଖିଚି । ତୁମଙ୍କୁ ତୁଚ୍ଛେ ଭଲ ଲୋକ ! ଚାଲ ଚାଲ ଚାଲ ।

(ସମସ୍ତଙ୍କର ପ୍ରସ୍ଥାନ)

(ଜଣେ କଟକବାସିର ପ୍ରବେଶ)

କଟକବାସୀ—ଗଲେ ଭ୍ରାତା, ଗଲା ପୁତ୍ର,
ଗଲେ ସର୍ବେ ଆତ୍ମୀୟ ସ୍ୱଜନ;
କିବା ପ୍ରୟୋଜନ ଆଉ ଏ ଛାର ଜୀବନେ ?

ଦଗ୍ଧ ହୃଦ୍, ପ୍ରଜ୍ୱଳିତ ଶୋକାନଳ,
ଚତୁର୍ଦ୍ଦିଗ ଘୋର ଅନ୍ଧକାର,
କା ଭରସା, କିବା ସୁଖ, କିବା ଶାନ୍ତି
ଆଉ ଏ ଜଗତେ ମୋର ?
କି ମାନସେ ରକ୍ଷିବ ପରାଣ ?
କାହିଁ ଆଉ
ରମଣୀ ସମାନ ଲୁଚି ରହିବ ଏ କାଳେ ?
କାହା ସେହି ଘର ଦ୍ୱାର ?
ସବୁ ବାଞ୍ଛା ହେଲା ପୂର୍ଣ୍ଣ,
ଯିବ ଶରେ,
ଜନ୍ମଜନ ସହ ମିଶି ପ୍ରବେଶିବ ରଣେ,
ଅହରହ କର ଚିନ୍ତା,
ପାସୋରିବ ଭ୍ରାତା ପୁତ୍ର ଶୋକ,
କିବା ଶୋଭି ସମରପ୍ରାଙ୍ଗଣେ
ଭୈରବ ସଦୃଶ ଲକ୍ଷ୍ୟ ।

(ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ ।

ରୁଦ୍ରଙ୍ଗଦେବଙ୍କ ଶିବିରମଧ୍ୟସ୍ଥ ପ୍ରାଙ୍ଗଣ ।

(ହର ପଣ୍ଡା ପାଚକର ପ୍ରବେଶ)

ହର—(ହାଇ ମୋଡ଼ି ମୋଡ଼ି) ଓଃ! ରାମ୍ ରାମ୍, ଅମଲୁ ବଧାତା କୋଉଁ ଦୋଷରୁ ବ୍ରାହ୍ମଣ ଜନ୍ମ ଦେଲା କେଜାଣି !

ବରଂ ହାଡ଼ କରିଥାନ୍ତା, ବ୍ରାହ୍ମଣ ଭରି ନ ଥାନ୍ତା । ଛଏ ଛତ୍ର ପାନ ମୋଡ଼ିଦେଲା, ତା ଦାମ ସରିଲା; ଛଏ ଲୁଗା ଖଣ୍ଡେ ସଜାଡ଼ି ଦେଲା, ତା ଦାମ ହରିଲା; ଛଏ ଖାଲି ହାତ ହଲେଇଁ ହଲେଇଁ ବୋଝ ବୋଝ ପ୍ରଶଂସା ପାଉଁଚି; ଛଏ ଖାଲି ଟହଲ ଟହଲ କଣ ନା ଦାମ ହଉଁଚି। ଆଉ ଆମେ ଦଳ ଗୁଡ଼ ଏ ଜଗଁରେ ପିଁଜ ପିଁଜ ହେବେଳେ ସେଥିରେ ଯଶ ନା ପଉରୁଷ ? ଜଏଁ ପାଣିର କଥା, ଟିକିଏ ଖରୁ ଜଣା ହେଇଯିବ, ଓଲଟି ତହିଁରେ ପାହାରା । ଛି ଛି ! ରାମ ରାମ୍ ! ଏ ଶୁକର ଘାଇ ଝଙ୍କାର । ସ୍ୱର୍ଗର ହରାଠଙ୍କ ବାର ଦୁଆର ବୁଲି ମୁଠାଏ ମୁଠାଏ ଭିକ ମାଗି ଅଣିବା ଶତେଗୁଣେ ଭଲ । ଆଉ ଏ ଝଙ୍କାର କେବେଁ କରିବ ନାହିଁ । ନା, କେବେଁ ନାଁ, କଷ୍ଟେ ନାଁ, ହର ବ୍ରହ୍ମା ହେଲେ ଆଉ ହବ ନାହିଁ । ପିଲାଙ୍କୁ ପଛକେ ଭିକ ମାଗି ଶିଖେଇବ, ରୋଷେଇ କରିବାକୁ କେବେ କହିବ ନାହିଁ । ଇଏ କହେଇରେ ଜାଣିବେ, ସମସ୍ତେ ମଜା ଉଡ଼େଇଁବେ—ସବୁ ମଜା ଫେର ଆମରି ଲାଗି, ସବୁ ମଜାଜାଙ୍କ ଆମରି ହାତରେ—ଭଲୁ ଆମ ବାଧ୍ୟକୁ ସିଁଜା । ଓହୋ ! ରାମ୍ ରାମ୍ ! ମରିଗଲିଣି ଆଁଧି । ବଧାତା କେମିତି ଏଠୁଁ ପାର କରିବେ, କେମିତି ସର ଧରିବ; ଫେର ଯେବେ କେବେଁ ଏଥିରେ ହାତ ଦେଇଁଚ ! ରାମ୍ ରାମ୍ !

ନେପଥ୍ୟେ—ହରିଆଲା, ହରିଆଲା, ଧାଁ, ଧାଁ, ପୋଡ଼ି ଗଲା, ପୋଡ଼ିଗଲା ।

ହର — ଓଃ ! ହର ନାହିଁ ଆଉ ।

(ପ୍ରସ୍ଥାନ)

(ଭୁଜଙ୍ଗଦେବ ଓ ମନ୍ତ୍ରୀଙ୍କର ପ୍ରବେଶ)

ଭୁଜଙ୍ଗ — ମନ୍ତ୍ରି ! ସମସ୍ତ ପ୍ରସ୍ତୁତ ହୋଇଗଲାଣି ତ ? ପ୍ରହରର ସମସ୍ତଙ୍କୁ ନିମନ୍ତ୍ରଣ କରା ଯାଇଛି, ସମସ୍ତେ ଆସି ହୋଇ ଗଲଣି ।

ମନ୍ତ୍ରୀ — ମହାରାଜ ! ସମସ୍ତ ପ୍ରସ୍ତୁତ ହୋଇଗଲାଣି । ଖାଲି ବିରାଜମାନ ହେଲେ ମଜଲିସ ଆରମ୍ଭ ହେବ ।

ଭୁଜ — ଅଚ୍ଛା ତେବେ ଚାଲ ।

(ଉଭୟଙ୍କର ପ୍ରସ୍ଥାନ)

(ମାଳୀ ଓ ମାଳୁଣୀ ପ୍ରବେଶ)

ଗୀତ ।

ଉଭୟେ — ବାନ୍ଧିଦେବା ଫୁଲଗଣ୍ଠି ।
ଫୁଲ ସଙ୍ଗେ ଭଲ ରଙ୍ଗେ
ଭ୍ରମର ଗୋଡ଼ାଏ ଆସି ।

ମାଳି — ତୁ ବଡ଼ ଚତୁରୀ,
ଭୁଲିଗଲେ ଭ୍ରମ ଦେଖି ମୁଖ ମାଧୁରୀ ।
ନାରୀଙ୍କୁ ପରତେ କଲେ ଗଳାରେ ଛୁରୀ ।
ନାରୀ ଜାତି ମନ,

ମାଳୁଣୀ — ପୁରୁଷଙ୍କ ଛନ୍ଦ,
ନାରୀଜାତି ନ ବୁଝନ୍ତି ଗଳାକୁ ଫାଶି ।

ମାଳି— ନାଗରକାନ୍ତ ମାଧବଦେବେ ମଧୁର ହସି ।
ମାଳୁଣୀ— (ଏ) ନବଙ୍କ ପ୍ରୀତି
କହିବାକୁ ଭୀତ ।
ଉଭୟେ— ଏବେ ସବୁ ପାସୋର
ମିଶି ପ୍ରାଣେ ଯିବା ପ୍ରେମ—
ସ୍ରୋତରେ ଭାସି ।

(ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ ।

ସୁସଜ୍ଜିତ ମଜଲିସ ମଣ୍ଡପ ।

(ନୃଙ୍ଗଦେବଙ୍କର ଉପବେଶନ, କେତେକଜଣ ହାବିଲଦାର ଉପସ୍ଥିତ ଓ ସବିଙ୍କର ଅଭ୍ୟର୍ଥନା ।)

ନୃଙ୍ଗ— ଆସନ୍ତୁ, ବସନ୍ତୁ; ଆପଣମାନଙ୍କ ରଣକୌଶଳରେ ମୁଁ ଆଜ ବଡ଼ ପ୍ରୀତ ହେଲି ।

(ହାବିଲଦାରମାନଙ୍କର ଉପବେଶନ ଓ ଅନ୍ୟ କେତେକଜଣଙ୍କର ପ୍ରବେଶ ଏବଂ ସବିଙ୍କର ଅଭ୍ୟର୍ଥନା ।)

ନୃଙ୍ଗ— ଆସନ୍ତୁ, ବସନ୍ତୁ ।

(ଅପର ବ୍ୟକ୍ତିମାନଙ୍କର ଉପବେଶନ)

ଏହିପରି ଅଲକେତେ ଉପଯୁକ୍ତ ହୋଇଗଲେ ଶତ୍ରୁ ଏକାବେଳକେ ପରାଭୂତ ହୋଇଯିବ । (ପୁଷ୍ପ ହସ୍ତରେ ମାଳାକାରର ଓ ତାମ୍ବୁଳହସ୍ତରେ ତାମ୍ବୁଳଧାରର ପ୍ରବେଶ) ମୁଁ ଆପଣମାନଙ୍କର ସମସ୍ତଙ୍କର ଗୌରବ ସ୍ୱୀକାର କରୁଅଛି ।

(ମାଳା ଓ ତାମ୍ବୁଳ ଧାରଣ ଏବଂ ସମସ୍ତଙ୍କର ନତମସ୍ତକରେ ମାଲ୍ୟ ଓ ତାମ୍ବୁଳ ଗ୍ରହଣ । ନର୍ତ୍ତକୀଗଣଙ୍କର ପ୍ରବେଶ, ଅଭିବାଦନ ଏବଂ ନୃତ୍ୟ ।)

ଗୀତ ।

ଆଜ ମୋହନମୂରତି ଧରିଛି ଅବନୀ
ଜୀବନ ଉଚ୍ଛ୍ୱାସରେ ।
ଦେଖ ଗଗନେ ବୃଷ୍ଟି, ଆଜ ନୀରଦ ନାହିଁ,
ଦେଖ ତାରକାରାଜି ସୁହାସରେ ।
ଆଜି ବହୁଛି ଅନିଳ ଅତି ସୁଶୀତଳ,
ଶଶାଙ୍କ ଶୋଭିତ ଆକାଶ,
ମୁଖେ ମୁଖେ ବିକାଶ ହର୍ଷ ଲେଖା
ସର୍ବ ବିଷାଦ ନାଶରେ ।

ମନ୍ତ୍ରୀ—ବର୍ତ୍ତମାନ ନୃତ୍ୟ ଗୀତାଦି ସେତିକରେ ବନ୍ଦ କରାଯାଉ । ଆହାରାଦି ପରେ ପୁନରାୟ ଆରମ୍ଭ ହେବ । ବର୍ତ୍ତମାନ ବଢ଼େ କରିବା ହେଉନ୍ତୁ ।

ଚୂଡ଼ଙ୍ଗ—ଅଚ୍ଛା । (ସମସ୍ତଙ୍କ ପ୍ରତି) ଚାଲନ୍ତୁ ।

(ସମସ୍ତଙ୍କର ପ୍ରସ୍ଥାନ)

ପଟ ପତନ ।

ତୃତୀୟ ଅଭିନୟ ।

ପ୍ରଥମ ଦୃଶ୍ୟ ।

କେଶରୀଙ୍କ ରାଜଭବନର ଏକାଂଶ ।

(ଲକ୍ଷ୍ମୀଦେବୀ ଚଣ୍ଡୀଙ୍କର ଯୋଗମାୟା ବେଶରେ ଗୀତ ଗାଇ ଗାଇ ପ୍ରବେଶ

ଗୀତ ।

(ଗନ୍ଧାମ୍ରୀ—ଦ୍ରୁତରେ)

ଜାଗ ଜାଗ ବେଗ ସୁବର୍ଣ୍ଣ କେଶରୀ,
ଜଗ ଜଗ ଯିବଟି ତୋର ଭାଗ୍ୟକେଶରୀ ।
ପ୍ରେମରତ୍ନ ଆସି, ସୁଖଶଶି ଛାଡ଼ି,
ସାର ଦେବ ଶିଘ୍ର ।
ରହୁଁ ରହୁଁ. କହୁଁ କହୁଁ
ଜୀବନ ଶାନ୍ତି ସୁଷମା ଯିବଟି ସର ।

(ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

କେଶରୀଙ୍କ କକ୍ଷ ।

(ସୁବର୍ଣ୍ଣ କେଶରୀଙ୍କ ପ୍ରବେଶ)

ସୁବର୍ଣ୍ଣ— ଦ୍ୱାରୀ, ଦ୍ୱାରୀ !

(ଦ୍ୱାରୀର ପ୍ରବେଶ ଓ ଅଭିବାଦନ)

ଡାକ ଯା ମନ୍ତ୍ରିଙ୍କୁ ବେଗେ ।

(ଦ୍ୱାରୀର ପ୍ରସ୍ଥାନ)

(ସ୍ୱଗତ) ଆହା ହା ! ମା ଗୋ, ମା ! ଧନ୍ୟ ତୁହି,
କୃପାମୟୀ ବିପତ୍ତିବାରଣୀ,
ପତିତ ତାରଣୀ ତୁହି;
ମାତା ତୁହି ଏ ଘୋର ପାପିର,
ମାତା ସମ ପୁତ୍ର କଷ୍ଟ
କେ ପାରିବ ବୁଝି ଆନ ?
ପୁତ୍ର ଦୁଃଖେ ଏକା ମାତା ଦୁଃଖୀ,
ମା, ଆହା ହା !
ଅଧମ ମୁଁ, କି ବୁଝିବ କରୁଣା ତୋହର ?

(ମନ୍ତ୍ରିଙ୍କର ପ୍ରବେଶ)

ମନ୍ତ୍ରିବର—

ମନ୍ତ୍ରୀ— (ସଭକ୍ତିରେ) ମହାରାଜ ! ମହାରାଜ !
ପ୍ରଣତି ଶ୍ରୀପଦେ ପ୍ରଭୋ !

ସୁବର୍ଣ୍ଣ— ମନ୍ତ୍ରିବର !
ଦେବୀଙ୍କର ଅପାର ମହିମା,

ଅହା ! କି କହିବ—
ତୁଚ୍ଛ କରି ପ୍ରାଣ ଆଶା
ଆଜ୍ଞା ନେଇ ଶ୍ରୀପଦକମଳେ ଯାଇଁ,
ରକ୍ଷିବାର ହେଲେ ରଣ,
ନ ହେଲେ ମା ନାଶ ଏ ଜୀବନ,
ବସୁଛି ଏସନ ମନେ
ବସିଅଛି ଧ୍ୟାୟି ପାଦପଦ୍ମ,
ନିଦ୍ରା ଲାଗିଗଲା ମୋତେ,
ଦେଖିଲି ମୁଁ ସ୍ୱପନରେ;—
ଉଭା ହୋଇଛନ୍ତି ଆସି ସ୍ୱୟଂ ଭଗବତୀ,
ଅହା ! କି ବର୍ଣ୍ଣିବ ସେ ମୂରତି !
ଦୟାର ପ୍ରତିମା ଖଣ୍ଡି,
ମୁଖେ ବାଣୀ, କି ମଧୁର ଅହା,
'ବତ୍ସ' 'ବତ୍ସ' ବୋଲି କରି ପ୍ରିୟ ସମ୍ବୋଧନ
ଶୁଣ ଯାହା ଦେଲେ ଆଜ୍ଞା—

ମନ୍ତ୍ରୀ— ହେବ ଜୟ ମହାରାଜ ?

ସୁବର୍ଣ୍ଣ— (ମସ୍ତକ ଦୋଳାଇ)
ବୋଇଲେ ସେ,
ଦେବବଳେ ଅଟେ ଶତ୍ରୁ ବଳୀ,
ତେଣୁ ସେହୁ ଦୁର୍ନିବାର ସମ୍ମୁଖ ସଂଗ୍ରାମେ,
ଦୁର୍ବାର ଯଥା ଦାବବହ୍ନି,
ଅବା ଯଥା ସ୍ରୋତସ୍ୱତୀ ଅଟଇ ପ୍ଲାବନେ,
ସହାୟ ତାହାର ଦେବୀ ସୁରତରଙ୍ଗିଣୀ,

ଦୈବ ଚକ୍ର, ବୁଝ
ମୁଗ୍ଧ ହୋଇ ଗଙ୍ଗାଙ୍କ ବଚନେ
ବାଞ୍ଛନ୍ତି ଦେବାକୁ ତାକୁ ଭୁଲିଲେ ମନ୍ତ୍ର;
ମନାସନ୍ତି ଯାହା ମହାରୁଦ୍ର
ତାହାଙ୍କ ଇଚ୍ଛିତକ୍ରମେ ଫଳେ ତ୍ରିଭୁବନେ,
ତେଣୁ ତାକୁ ସମ୍ମୁଖ ସଂଗ୍ରାମେ
ଜିଣିବା ଅସାଧ୍ୟ ଅଛି,
ସେ ଭରସା ଗଲା ଆଜଠାରୁ ।

ମନ୍ତ୍ରୀ— ତେବେ ଆଉ କି ଉପାୟ ଏଥି ?

ସ୍ବର୍ଣ୍ଣ— ଶୁଣ ଦେବୀ ଦୟାମୟୀ
ଦୟା କରି ଦେଲେ ଆଜ୍ଞା
ରୁଦ୍ର ରକ୍ଷିବାକୁ ହେବ ସଦା ଗଡ଼ଦ୍ୱାର ।
ଦେଇଛନ୍ତି ପୁଣି ଦେଖ ଏହି ମଣିଟିକୁ ।

(ମଣି ପ୍ରଦର୍ଶନ)

କହିଛନ୍ତି, ଅଟେ ଏହା
ଶତ୍ରୁ ଦର୍ପହାରୀ ଜୈବମଣି,
ଥିବାଯାଏ ଶିରେ ଏ ମଣିଟି
ଦୁର୍ଗ ଭେଦ ନ ପାରିବେ ଅରି,
ରକ୍ଷି ନ ପାରିଲେ ଶୁଣ
ଯିବ କରୁଁ ନଷ୍ଟେ ରାଜଦଣ୍ଡ ।
ଏହା କହି ହେଲେ ଅଦର୍ଶନ ଦେବୀ !
ଭାଙ୍ଗିଗଲା ସେହୁକ୍ଷଣି ସ୍ୱପନ ତୁମାହର,

ଅଇଲି ମୁଁ ଫେରି ଦୁର୍ଗେ ।
ଦୁର୍ଗଦ୍ୱାର କର ଏବେ ରୁଦ୍ଧ,
ଦେଖ ଆଜ୍ଞା ନୋହେ ଲଙ୍ଘିବାର ।
ମନ୍ତ୍ରୀ— ରୁଦ୍ଧ ଅଛି ଦ୍ୱାର ସେହି ଦଣ୍ଡୁ,
ପ୍ରତିଦଳ ଅର୍ଦ୍ଧ ଶତ୍ରୁ ସମରପ୍ରାଙ୍ଗଣେ
ଫେରି ଫେରି ଯାଉଛନ୍ତି ।
ଦୁର୍ବର୍ଣ୍ଣ— ଆଜ୍ଞା ଦେବୀଙ୍କର,
ଫେରୁଥିବେ ସେହିପରି ।

(ପ୍ରସ୍ଥାନ)

ତୃତୀୟ ଦୃଶ୍ୟ ।

ଗ୍ରୀକ ରାଜଙ୍କ ଶିବିର ।

(ସାମନ୍ତ ଗଣଙ୍କର ଆଗମନ)

୧ ମ ସାମନ୍ତ—ଦେଖ, ଏ କି ଖେଳ,
ନ ମିଳଇ ଅନ୍ତ କିଛି,
ପ୍ରଭାତରେ ଯିବା ରଣକ୍ଷେତ୍ରେ,
ସନ୍ଧ୍ୟା ହେଲେ ଫେରିବା ଶିବିରେ,
ନାହିଁ ଶତ୍ରୁ ଦରଶନ,
କେତେ କାଳ ପାଳିବା ଏ ବ୍ରତ ?
୨ୟ ସା—କି ଯେ ଉଦ୍ଦେଶ୍ୟ ମନେ ସେନାପତିଙ୍କର
ବୁଝି ନ ହୁଅଇ କିଛି ।

୨ୟ ସା—ରହି ନ ଲାଗଇ ଆଉ,
ଅକର୍ମଣ୍ୟ ସ୍ତ୍ରୀରୁ ସମ
ବସି ନ ହୁଅଇ କର ନ୍ୟସ୍ତ ପଦ ଭୁଜ ।

(ଭୂତୁଙ୍ଗଦେବ ପ୍ରବେଶ)

ଭୂ ତୁଙ୍ଗ—ଯାଦବଗଣ,
ଆଜ ମଧ୍ୟ ନାହିଁ ଶତ୍ରୁ ଦେଖା ?

୧ମ ସା— ନାହିଁ ଆଜ,
କାଲି ମଧ୍ୟ ଥିଲା ନାହିଁ,
ଥିଲା ନାହିଁ ଆଗୁଁ କେତେ ଦିନୁଁ,
କାଲି ମଧ୍ୟ ଥିବ ନାହିଁ,
ଥିବ ନାହିଁ ତାହିଁ ପରଦିନ,
ନ ମିଳବ ଶତ୍ରୁ ଦରଶନ
ଯେତେକାଳ ଥିବା ଏଥି ଏହିପରିଭାବରେ ।

(ମନ୍ତ୍ରୀ ବାସୁଦେବ ଓ କେତେକ ଜଣ ସୈନ୍ୟଙ୍କର ପ୍ରବେଶ)

ଭୂ ତୁଙ୍ଗ—(ସ୍ୱଗତଃ)
ବାସ୍ତବରେ କଷ ହେଲା !
କେତେକାଳ ଯିବ ଏହିମତେ ?
(ପ୍ରକାଶ୍ୟେ) ଯାଦବଗଣ, ଧୈର୍ଯ୍ୟ ଧର,
ଅବଶ୍ୟ ମିଳବ ଦିନେ,
ନ ମିଳବ କାହିଁ ଯିବ ?
କେତେ କାଳ ଲୁଚିବ ଗର୍ତ୍ତରେ ?
ଗର୍ତ୍ତବାସୀ ଗର୍ତ୍ତପ୍ରାଣୀ

ନ ପାରନ୍ତି ଗର୍ବେ ରହି ସଦା,
ସେ ତ—

ମନ୍ତ୍ରୀ— ମହାବାହୋ !
ପାଣ୍ଡୁ ମିତ୍ର ସୈନ୍ୟ ଆଦ
ସର୍ବେ ଅସନ୍ତୁଷ୍ଟ ଏ ଶିବିରରେ,
ନ ବାଞ୍ଛନ୍ତି ବସିବାକୁ କେହି ଏ ପ୍ରକାରେ,
ଇଚ୍ଛନ୍ତି ସମସ୍ତେ
ଭାଙ୍ଗି ଦ୍ୱାର ପ୍ରବେଶନ୍ତେ ଅନ୍ତଃପୁରେ,
ଖୋଜନ୍ତେ, ଧରନ୍ତେ ଲୁଚିଅଛି କେଉଁ ଗର୍ତ୍ତେ,
କିମ୍ବା ଫେରି ଯାନ୍ତେ ନିଜ ଦେଶେ ।

ଭୂପ— ମନ୍ତ୍ରିବର ! ବୁଝିଲି ମୁଁ ବାକ୍ୟ ତବ,
କିନ୍ତୁ ଦେଖ ସୁବିଜ୍ଞବର—
ସିଂହ ଭ୍ରମେ ପଶିଲେ ଶୃଗାଳ ଗର୍ତ୍ତେ
ଖୋଳେ କି ସେ ଗର୍ତ୍ତ ସିଂହ
ଜାଣିବା ମାନସେ ତାକୁ ?
ନା ଅସାଧ୍ୟ ସିଂହକୁ ତାହା ?
ପୁଣି ଶାସ୍ତ୍ରମତେ
ବୀରଧର୍ମ ନୋହେ ସେପ୍ରକାର,
ଭୀତ, ଲୁକ୍କାୟିତ ସହ
ବିହିତ ନୁହଇ ଯୁଦ୍ଧ,
ନ ଦେଖିଲେ ସମ୍ମୁଖେ ଅରାତି,
ନ କରିବା ଅଶାସ୍ତ୍ରୀୟ ଯୁଦ୍ଧ ।

୧ମ ସା— କି ଅଛିବ ତେବେ ଅଉ,
ନ ପୂରିବ କେବେଁ ଏ ବାସନା ।
୨ୟ ସା— ବରଂ ଫେରିଯିବା ଶୀଘ୍ର ।
ସୈନ୍ୟଗଣ— କେତେକାଳ ରହୁଁ ଥିବା,
ନ ହୁଅଇ ସହ୍ୟ ଏହା ।
ଭୃଙ୍ଗ— (ସ୍ୱଗତ) ଦେଖୁଅଛି ସର୍ବେ ଅସନ୍ତୁଷ୍ଟ,
ସର୍ବେ ଅସମ୍ମତ ଏଥି,
ବାଧ୍ୟ କଲେ ଇଚ୍ଛା ବିପକ୍ଷରେ
ନ ହୁଅଇ ଶୁଭ କେବେଁ ।
(ପ୍ରକାଶ୍ୟେ) ଅଚ୍ଛା, ପାନ୍ଥଗଣ !
କାଲି ରାତ୍ରି ଯାଏ ସର୍ବେ ରହ ଧୈର୍ଯ୍ୟ ଧରି,
ଏହାପରେ ଯେବେ ଦେଖ ପାଉଛ ଶଙ୍କସ୍ତି,
ଛାଡ଼ି ଏ ନଗର ତେବେ ଯିବ ନିଜ ସ୍ଥାନ,
ଏ ବାଣୀକି ମୋର ସର୍ବେ ଧ୍ରୁବ କରି ଜାଣ ।

(ଭୃଙ୍ଗ ଦେବଙ୍କର ପ୍ରସ୍ଥାନ)

ମନ୍ତ୍ରୀ— ଦେଖ, ଧୈର୍ଯ୍ୟ ଧର,
କଟିଗଲା ଏତେ କାଳ,
କାଲି ଭଲି କଟାଅ ଦିନକ ।
ସମସ୍ତେ— ଅଚ୍ଛା ଯାଉ କାଲି ।

(ସମସ୍ତଙ୍କର ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ ।

ଚଣ୍ଡୀ ମନ୍ଦର ।

(ମାହାପାତ୍ର ଗୁଣୁ ଗୁଣୁ ହଇଲେ ମନ୍ତ୍ର ପଢ଼ି ପଢ଼ି ପ୍ରବେଶ)

ମହା—ନବନା ! ଅରେ ଲକ୍ଷିଣିଆ ! ଅରେ ନରସିଂହା ! ସବୁ କୋଉଁଆଡ଼େ ଗଲ ରେ ? ନବନା ! ଅରେ କେଣେ ହୁଅଁଛ ରେ ଲକ୍ଷିଣିଆ !

(ନବୀନ ଓ ଲକ୍ଷ୍ମଣର ପ୍ରବେଶ)

ସନ୍ଧ୍ୟା ଲଗେଇଁ ଦିଅ । ମହିମା କେବେ କରିବେ ପରା ?। ଫୁଲ ବେଲପତ୍ର ଦେଇଁ ଯାଇଁଛ ?

ନବା—ହଁ ଦେଇଁଛ । (ମହାପାତ୍ରଙ୍କର ପୁନଃ ମନ୍ତ୍ରପାଠ)

ଲକ୍ଷ—ମହାପାତ୍ରଙ୍କର ତ ଅଳ ଗୋଡ଼ ତଳେ ଲାଗୁ ନାହିଁ ?

ମହା—ହଁ ? କଣ ? କଣ କହୁଁଚୁ ରେ ?

ଲକ୍ଷ—ନାଇଁ, ମୁଁ କହୁଛି, ମହାପାତ୍ରଙ୍କୁ ଆଜ ଦକ୍ଷିଣା ହେବଟା ଖୁବ୍ ମିଳିବ ।

ମହା—ହଁ, ଦେଖ ତ କଣ ହୁଉଁଚ ।

ନବା—ହବ ଅଉ କଣ ? ଢେର୍ ମିଳିବ ।

ଲକ୍ଷ—ନା, ମହାପାତ୍ରଙ୍କ ପୂଜାଟି ଏକା ଠିକ୍ ପୂଜା ।

ମହା—ହେଁଃ, ମାହାପାତ୍ରେ ପୂଜା କଲେ ଆଉ ଏମିତ ଯେମିତ ପୂଜା କରନ୍ତି ନାହିଁ ଯେ । ପୂଜା କଲେ ଯେବେ ଦର୍ଶ ଛାଡ଼ିଲେ 'ଓଁ' ନ କଲେ ତେବେ ସେ କି ପୂଜା ?

ଲକ୍ଷ—ସ୍ୱଜାନ୍ତୁ ଠୁକୁମ ହେଲଗଲା, ଆଉ ସେ ଭଳର ପୂଜା କରନ୍ତୁ ନା ?

ନନ୍ଦା—ତା'ନୁହେଁ ଆଉ କଣ ?

ମହା—ଦଅ ସବୁ ସଙ୍କଳ୍ପାଦିକ କରେଇଁ ଦଅ, ରାଜାଙ୍କ ଆସିବା ବେଳ ହେଇଁ ଗଲଣି ।

(ପୂଜାର ଆୟୋଜନ)

(ସୁବର୍ଣ୍ଣକେଶରୀଙ୍କର ପ୍ରବେଶ ।)

ସୁବର୍ଣ୍ଣ—ମା ! ବାପ ଉଠିବା ଉଣି ! ମା ଗୋ ମା !

(ପ୍ରଣାମ ଓ ସ୍ୱମରଧାରଣ)

(ରାଣୀ, ନନ୍ଦକା ଓ ଅନ୍ୟାନ୍ୟ ରମଣୀମାନଙ୍କର ଅର୍ଘ୍ୟପାତ୍ର ହସ୍ତରେ ପ୍ରବେଶ)

(ମହାପାତ୍ରଙ୍କର ଉଚ୍ଚାରଣରେ ମନ୍ତ୍ରପାଠପୂର୍ବକ ପୂଜା ଆରମ୍ଭ । ନନ୍ଦକାର ସର୍ବ-ଜଣାଙ୍କ ତ୍ୟାଗପୂର୍ବକ ଭୂତଳେ ଅର୍ଘ୍ୟପାତ୍ର ସ୍ଥାପନ ।)

୧ମ ରମଣୀ—(ନନ୍ଦକା ପ୍ରତି)

କହସ କପାଁ ଗୋ ମୁଗ୍ଧା ?
ଘର, ଦ୍ୱାର, ବାଟ, ଘାଟ,
ସବୁ ଆଜ ହରଷେ ପ୍ରମତ୍ତ,
ଜୀବ ଜନ୍ତୁ ବିହଙ୍ଗ ବିହଙ୍ଗୀ
ନାଚୁଛନ୍ତି ଆନନ୍ଦରେ,
ଗଛ ପତ୍ର ହସୁଛନ୍ତି ଆଜ,
ତୁମ୍ଭ ମୁଖ କପାଁ ଗୋ ମଳିନ ?

ନନ୍ଦକା— ନାହିଁ, କିଛି ନାହିଁ,
କେତେବେଳେ ସରିବ ଆଳତ ?

ରାଣୀ— କି ହେଲ ମା ?
କାହିଁପାଇଁ ବିବର୍ଣ୍ଣ ବଦନ ?
ଅଛିଲ ସକାଳ ମୋର,

କଣ୍ଠନିଧି ନମ୍ୱନପିତୁଲ,
କି ବେଦନା ? କହ ମୋତେ,
କି ଯାତନା ? କିସ ହେଲା ମନେ ତୋର ?

ନନ୍ଦକା—(କ୍ଷୀଣସ୍ୱରେ)
ନାହିଁ ମାତ, ନାହିଁ କିଛି ମନେ ।

ରାଣୀ— କି ହେଲା ଲୋ ଦେହ ତେବେ ତୋର ?
କି କରିବ, କି ଉପାୟେ ଊଣା ହେବ ?

୨ୟ ରମଣୀ— ଶୋଇଥାନ୍ତେ ହେଲେ ଘରେ ।

ରାଣୀ— ସଜନ ଲୋ ! ସଖି ମୋର,
ସେନ ଯାନ୍ତୁ ସଙ୍ଗେ ନେଇ,
ଛାଡ ଆସନ୍ତୁ କି ଘରେ ।

(ନନ୍ଦକା ପ୍ରତି) ଶୋଇବୁ ନା ଛିଡ଼ା ହୋଇ,
ଯାଉଛୁ ମୁଁ ଘରେ ଲେ ଅଲତ ।

(ଜଣେ ରମଣୀ ଓ ନନ୍ଦକାର ପ୍ରସ୍ଥାନ । ସମସ୍ତଙ୍କର ଅର୍ଦ୍ଧପାଶ୍ୱ ସ୍ଥାପନ, ଘଣ୍ଟା ଓ ଶଙ୍ଖନାଦ ସହ ଆଳତି, ସମସ୍ତେ ଯୋଡ଼ହସ୍ତରେ ଦଣ୍ଡାୟମାନ ଓ ଆଳତି ଅନ୍ତେ ସମସ୍ତଙ୍କର ପ୍ରଣାମ ଏବଂ ମହାପାତ୍ରଙ୍କର ମାଳ୍ୟାଦି ପ୍ରଦାନ ।)

ଗୀତ ।

ରମଣୀଗଣ—

ଜୟ ଜୟ ଜୟ ଜଗତଜନନ
ଅଶେଷ ଦୁର୍ଗତିନାଶିନି
ଅକୂଳସାଗରେ ତୋ ପଦ ତରଣୀ
ତୁହ ମା ଅଭୟଦାୟିନୀ ।

ଜଗତି ସୁମତି ଶୁଦ୍ଧ ଭଗବତୀ
ସୃଷ୍ଟିସ୍ଥିତିନାଶକାରିଣୀ
ଜଗତଈଶ୍ୱରୀ ଉମା ପରମେଶ୍ୱରୀ
ତାର ମା ଅଗତିତାରିଣି !

(ପଟକ୍ଷେପ)

ଚତୁର୍ଥ ଅଭିନୟ ।

ପ୍ରଥମ ଦୃଶ୍ୟ ।

କାନନ ମଧ୍ୟସ୍ଥ ପର୍ବତକନ୍ଦର ।

(ବୃକ୍ଷ ମୂଳରେ ଚତୁର୍ଭୁଜ ଦେବ ଧ୍ୟାନମଗ୍ନ ।)

(ନେପଥ୍ୟେ କଳକଳ ଶବ୍ଦ, ଚତୁର୍ଭୁଜ ଦେବଙ୍କର ଧ୍ୟାନଭଙ୍ଗ । ସମ୍ମୁଖରେ ଜଳପ୍ରବାହ, ସହସା ଜଳପ୍ରବାହ ହ୍ରଦରେ ପରିଣତ । ହ୍ରଦ ମଧ୍ୟରେ କୁମୁଦ, କହ୍ଲାର, ପଦ୍ମ ପ୍ରଭୃତି ନାନାବିଧ ଜଳପୁଷ୍ପ ପ୍ରସ୍ଫୁଟିତ, ଜଳପକ୍ଷୀ ଲେଡ ବର ହ୍ରଦ ମଧ୍ୟରେ ସୁଇସଃସହ କାଳୀ ଦେବୀ ଅବତୀର୍ଣ୍ଣା ଓ ଅକ୍ଷୋଭିତ ସିଂହାସନରେ ଉପବିଷ୍ଟା । ହଂସ ଚକ୍ରବାକ ପ୍ରଭୃତିଙ୍କର ଜଳରେ ସନ୍ତରଣ । ତୀରରେ ମୃଗମାନଙ୍କର ଉଦ୍ଗ୍ରୀବଭାବରେ ଦର୍ଶନ ।)

କାଳିକା—ବତ୍ସ ! ଶୁଣାଇ ମୁଁ ଅଛି ତୋତେ ଏଥି
ପତ୍ନୀର ପୂଜା ଏଥୁଁ ଉଠାଇବା ଆଗେ ।

ଦେବବ୍ରତ ଯଥା ଦ୍ୱାପରରେ
ସ୍ଥାପିଥିଲେ ଭାରତରେ ବୈଷ୍ଣବ ଧରମ,
ତଥି କ୍ରୂର ଶାକ୍ତ ମତ, ଶାକ୍ତ ଅନାଚର
ଉଠାଇବାପାଇଁ ତୁମ୍ଭ ଯୋଗ୍ୟ ।
ପବିତ୍ର ବୈଷ୍ଣବ ଧର୍ମ, ବୈଷ୍ଣବ ଶକତି
ପ୍ରଗ୍ରହବାପାଇଁ ଏକା ତୁମ୍ଭ ସେ ଭାଜନ ।
ତୁମ୍ଭ ଶକ୍ତ ଏ କାର୍ଯ୍ୟ ସାଧନେ ;
ଦେଖାଇଛ ରଣେ ତୁମ୍ଭ ବଷମ ସାହସ;
ଯୁଦ୍ଧବୀରଙ୍କର ଯେତେ ଗୁଣ
ସବୁ ବର୍ତ୍ତମାନ ତୋହଠାରେ;
ଏକା ନୋହ ଯୁଦ୍ଧବୀର,
ପୁଣି ଅଟ ଧର୍ମବୀର ତୁମ୍ଭ,
ଧର୍ମବୀର ବିନା ଆନ ଧର୍ମସ୍ଥାପନେ
ନୁହନ୍ତି ଭାଜନ କେବେ;
ଧର୍ମଅସ୍ତ୍ରେ କରେ ଯେ ବିଜୟ,
ସମରପ୍ରାଙ୍ଗଣ ତାର ମନୁଷ୍ୟ ହୃଦୟ;
ବାହୁବଳକୁ ଜାତ ଶତ୍ରୁଭୀତ,
କିନ୍ତୁ ଧର୍ମବଳ
ଉପଜାତ କରେ ଶତ୍ରୁପ୍ରୀତ,
ସେହ ପ୍ରୀତ ଲଭିବୁ ତୁ ଧର୍ମଯୁଦ୍ଧେ,
ଜୟର ଫିଟାଇ ଦେବ ତୋତେ ସେ ଦୁଆର,
ଯୁଝିବାକୁ ହେବ ଏକା ରଣେ,

ସହାୟ ସଙ୍ଗରେ ଥିଲେ ପଣ୍ଡୁରୁ ବପଦେ ।
ଅଜ ଭାଗ୍ୟ ହେବ ତୋ ମୀମାଂସା,
ଲଭିବୁ ତୁ ତବ ଯଶଃ, ଅବା ତବ ଲଜ୍ଜା
ଅଜ ରଜନୀରେ,
ଧନ୍ୟ ହେବୁ ଜଣିଲେ ଏ ରଣ ।
ଅଜ ମୋର ଆବର୍ତ୍ତେ ଏଂ ବଜନଠାବେ
ଉପୁଜିଲା ନବତୀର୍ଥ ଏକ;
ଏହି ତୀର୍ଥେ ପ୍ରତିବର୍ଷ ଏ ପୁଣ୍ୟ ତିଥିରେ
କରିବୁଁ ତୁ ଅଧି ସ୍ନାନ;
ତୋହ ନାମ ମତେ ଅଜଠାରୁ
"ଗୈରଙ୍ଗଦହ" ନାମ ରହିଲା ଏହାର ।

(ଜାହ୍ନବୀ ଦେବୀଙ୍କର ଅନ୍ତର୍ଦ୍ଧାନ ।)

ଦ୍ୱିତୀୟ ଦୃଶ୍ୟ ।

ପ୍ରାଙ୍ଗଣ ।

(ଜହ୍ନକାର ସହଚରୀର ପ୍ରବେଶ ।)

ଗୀତ ।

(ମୋର) କାହିଁକି ଉଚାଟ ହେଉଛି ମନ,
(ମୋର) ମୁଣ୍ଡ ଝାଇଁଝାଇଁ ପ୍ରାଣ ଢାଇଁପାଇଁ
ଅତି ଉଛନ ।
(ମୋର) ଗୋଡ଼ରୁ ମୁଣ୍ଡଯା ଯାଉଛି ଥର,
(ମୋର) ଭୁଣ୍ଡରୁ ତି ଛେପ ଗଲାଣି ସର,

(ମୋର) ସୁଖ ଦିନ ନାହିଁ ଆଗ ପଛ ଗୁଣି
ଗଲା ଜୀବନ ।
କି ବୁଦ୍ଧି କରିବ କାହାଗେ କହିବ,
(ମୋତେ) ନାହିଁ ମରଣ !

ସଖୀ—ଆହା ! ମନେ ତ ଶୁଣୁଅଛି ଅନାର ଦଶୁଛି ! ମୁଁ କଣ କରିବ ? ନନ୍ଦକା ଲାଗି ମୁଁ କି ବୁଦ୍ଧି କରିବ ? ସେ ତ କେଉ ଦିନ ହେଲା ଆଉ ନନ୍ଦକା ହେଉ ନାହାନ୍ତି ! ଦିନ ସୁଖ ଭାବନା ! ଦିନ ସୁଖ ଚିନ୍ତା ! ସୁଖରେ ନିଦ ନାହିଁ ! ରାଣ୍ୟାଣୀ ହେଉଥିବେ କି କଣ କରିବେ ! ମୁଁ ତ କିଛି ବୁଝି ପାରୁ ନାହିଁ । ଯାଉଛି ଦେଖେଁ, କଅଛେ କଣ କଲେଣି ।

(ପ୍ରସ୍ଥାନ)

ତୃତୀୟ ଦୃଶ୍ୟ ।

ବୈଠକଖାନା ।

(ନୃପତି ଦେବ, ମନ୍ତ୍ରୀ ଏବଂ ପଣ୍ଡିତ ଙ୍କ ପ୍ରବେଶ ।)

ନୃପତି— ମନ୍ତ୍ରି ! ପାତ୍ରବର୍ଗେ !
ଜନନୀଙ୍କ ଆଜ୍ଞା ଏହି :—
ରହିବାକୁ ହେବ ଆଜ ଦିନ ।
ନଦେଁ ଅଜ ରଜନୀରେ
ଦେବ ଅଛ ଦରଶନ ।

ମନ୍ତ୍ରୀ—ମହାରାଜ ! କେମନ୍ତେ କି ହେଲା
କେହ ନ ବୁଝିଲୁଁ କିଛି ।

ଚନ୍ଦ୍ର— ରଜନୀ ତୃତୀୟ ଯାମେ ତ୍ୟଜିଣ ଶିବିର
ମିଳଇ ମୁଁ କାଠଯୋଡ଼ୀ ତୀରେ,
ଅବଗାହି, ଆବରଣ ତନୁ ତନୁଛଦେ,
ମାତୃପଦପଦ୍ମୋଦ୍ଦେଶେ କରଣ ପ୍ରଣାମ,
ଅତିକ୍ରମ୍ୟେ ହେଲି ନଦୀ ପାର;
ବନେ ବନେ ଗଲି ଖେଳଟିର ମୃଗେ
ଏକା ଏକା ନିଃଶଙ୍କହୃଦୟେ
ଧାୟି ମାତୃଶ୍ରୀଚରଣ;
ବନାନ୍ତେ ପଶିଲ ମୁହିଁ ଯାଇଁ ଚୈତଟଙ୍କେ;
ଟଙ୍କେ ଟଙ୍କେ ଯାଇ ପୁଣି ପଶ୍ଚିମ ମାର୍ଗରେ
ପ୍ରବେଶିଲି ପଞ୍ଚବଟବନରେ;
ପଞ୍ଚବଟବନରେ ଏକ ତରୁତଳେ ବସି
ମାତୃପଦ ଧାୟିଲି ହୃତ୍ତଳେ;
କ୍ରମେ କ୍ରମେ ପ୍ରବଳ ହୋଇଲା ନିଶା,
ଧାୟିଲି ମାତାଙ୍କୁ ମୁହିଁ
ବସି ଏକତାନ ମନେ;
ଅର୍ଦ୍ଧଯାମ କାଳ ଅନ୍ତେ
ଶୁଣିଲି ସହସା ଏକ ଜଳଦଲ ସ୍ୱନ ।

୧ମ ପ୍ରାତ—ସେହି ସ୍ୱନ ?
ସେହି ପୂର୍ବପରିଚିତ ସ୍ୱନ ?

ଶୁଣିଥିଲେ ଯାହା ତୁମ୍ଭେ
ଗୋଦାବରୀହ୍ରଦେ ଥରେ ?

ଭୃଙ୍ଗ—ହଁ, ସେହି ସ୍ଥଳ,
ସେହି ସ୍ଥଳ ପଡ଼ନ୍ତେ ଶ୍ରବଣେ
ଅନାଇଲି ଯେତେ ମୁଁ ନୟନ,
ଦେଖିଲି କନ୍ଦରେ ଏକ ସ୍ୱଚ୍ଛ ଜଳଧାର,
ସ୍ୱଚ୍ଛ ଯଥା ହୀରାଧାର,
ବେଗମନ ପବ୍ୱ ଉଦାର,
ଗୁମ୍ଫୁଁ ଗୁମ୍ଫୁଁ ଶବଦରେ ଛନ୍ଦୁବାକ ଧନ
ହ୍ରଦେ ପଡ଼ଣନ୍ତ ହେଲା ଗମ୍ଭୀର କନ୍ଦରୀ;
କରୁଣ ମୃଦୁ ହିଲ୍ଲୋଳମ୍ୟ ସମାନ ବଶିଲା,
ସୁଗମ୍ଭୀର ଜଳ ଖେଳାଦ୍ୱାର
ମଧ୍ୟଭାଗେ ବଖିଲା
ପାତାଳର ଦ୍ୱାର ସମ;
ନାନାବର୍ଣ୍ଣ ଜଳ ପୁଷ୍ପେ ମଣ୍ଡିଗଲା ପୃଥ୍ୱୀ,
କୁମୁଦ, କହ୍ଲାର,
କୋକନଦ ଆଦ ପୁଷ୍ପ ଉଠିଲେ ବିକଶି,
ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ବନସ୍ଥଳୀ,
ଶୋଭିଲେ ଜାହ୍ନବୀ ଦେବୀ ଭେଦ ଜଳରାଶି,
ଶଙ୍ଖ ସିଂହାସନେ ଉପବିଷ୍ଟା,
ସଙ୍ଗେ ଧବଳାଙ୍ଗୀ, ଅପୂର୍ବ ସୁନ୍ଦରୀ,
ଉତ୍ପଳୀୟ ବେଶେ ଭୂଷିତା,
ନବସୀମନ୍ତିନୀ ଗାଳ ଶତଦଳ ଦଳେ,

ଆନ୍ଦୋଳିତ ସିଂହାସନ ମନ୍ଦ ସମୀରଣେ,
ଦେଖୁଁ ଦେଖୁଁ ହେଲେ ଦେବୀ ଜଳେ ସମାଧୀନା,
ବାଜିଣ ଉଠିଲା ତହୁଁ ବନଦେବୀ ବୀଣା

ସମସ୍ତେ—ଅହା ! ଅହା ! ଅହା !

ଭୃଙ୍ଗି—ହଂସ ଚକ୍ରବାକ ଆଦି
ଅବତୀର୍ଣ୍ଣ ହେଲେ ଆସି ଜଳେ,
ପକ୍ଷୀର ଭୁଲିଲେ ପର୍ବେ ବେଢ଼ିଣ ଦେବୀଙ୍କୁ,
ମୃଗ ମୃଗୀ ତେଜି ତୃଣାହାର
ଉଦ୍‌ଗ୍ରୀବେ ଶୁଣିଲେ ଆସି
ହୋଇ ତଟରେ ଧାଉଁ ଧାଉଁ ।

ସମସ୍ତେ—ଅହା ! ଅହା ! ମା ! ଧନ୍ୟ ଧନ୍ୟ ! (ପ୍ରଣାମ) ଧନ୍ୟ ! ଧନ୍ୟ ଭକ୍ତି ।

ଭୃଙ୍ଗ—ଦେଖି ଏ ସ୍ୱର୍ଗୀୟ ଦୃଶ୍ୟ ହେଲି ମୁଁ ଚକିତ,
ଦେଖିଥିଲି ପୂର୍ବେ ଯେଉଁ ରୂପେ,
ସେହିରୂପେ ପୁଣ ଆଜ
ଦେଖିଲି ମାତାଙ୍କୁ ଜଳେ,
ନଡ଼ିଣିରେ ନମିଲି ପଦ୍ମରେ,
ମାତୃ ରୂପ ଦରଶନେ
ସର୍ବ ଦୁଃଖ ଭୁଲିଗଲି କ୍ଷଣେ ।
ହେମାଙ୍ଗ କନ୍ଦୁଚି ମୋର ଏତେବେଳ ଯାଏ
ସୁହଲିବେଳକୁ ତାହା ।
ସ୍ନେହମୟୀ ହୋଇ ଦେଖା ଜଳରାଶି ପରେ,
କଲେ ସ୍ନେହେ ସମ୍ବୋଧନ ।

ଅମିୟମଧୁରସ୍ୱରେ କୋଇଲେ ବଚନ,
କହ ନାନା ହିତ ଉପଦେଶ
ଆଜ୍ଞା ଦେଲେ ରଘୁନାଥଙ୍କୁ ହେବ ଆଜ ଦନ,
ଆଜ ରାତେ ହେବ ନଶ୍ଚେ ଭାଗ୍ୟର ମୀମାଂସା ।

ସମସ୍ତେ— ଜୟ ଜୟ ନରପତି !
ଜୟ ମାତ ଗଙ୍ଗାଦେବୀ !

ଚୂଡ଼ଙ୍ଗ— ଧୈର୍ଯ୍ୟ ଧର,
ଦେଖାଯିବ କି ଭାଗ୍ୟ ଫଳିବ ।

ଚତୁର୍ଥ ଦୃଶ୍ୟ ।

ନନ୍ଦନାର କକ୍ଷ ।

(ନନ୍ଦନାର କକ୍ଷଦେଶରେ କର ଦେଇ ଧୀରେ ଧୀରେ ଆଗମନ)

ଗୀତ ।

କାହିଁ ମୋ ଆଶା-ଯାଦକା
ମାନସକୁଞ୍ଜନାସ୍ତିକା ।
କେଉଁ ଅସୀମ କାନନେ
ଉଡ଼ିଗଲୁ ଲୋ ଗାସ୍ତିକା ।
ଅନେକ ଦିନୁ ଆଦରେ
ଅଧାର ଦେଇ ହାତରେ
ପୋଷିଲି ତୋତେ ଯଶରେ,
ଏବେ ତୁ ଦଗାଦାସ୍ତିକା ।

ଚିତା ଦେହିଁ କେତେ ନବର
ନେବାକୁ ପୁଣି ଶବର
ମୁହିଁ ଥିଲି ଦବା ସତର,
ତୁ ବେକେ ଦେଲୁ ଭୁରିକା ।

ନନ୍ଦିକା—କହିଁ ଅଛ ଏତେ ପାପାବଲ !
ସଜ ହେଉଛନ୍ତି ସବୁ ଯିବେ ଅଜ ଗୃହ ।

(କ୍ଷଣକାଳ ନୀରବ)

ପ୍ରଭାତ ହୋଇବ ନିଶା,
ପୂର୍ବ ନଭେ ଉଇଁବେ ତପନ,
ଜୀବନତପନ ମମ ହେବେ ଅଦର୍ଶନ;
ନାଚିବ ପଦ୍ମିନୀ ସଖୀ ମହା ଆନନ୍ଦରେ,
ବୁଡିବ ଅଭାଗୀ ମୁହିଁ ବିଷାଦସାଗରେ ।
ଓହୋ ! ବିଧାତା ରେ !
କାହିଁ ଲୁଚାଇଲୁ ଏ ସଂଗ୍ରାମ ?
ନେବାକୁ କି ମୋହର ପରାଣ ?
କି କରିବ ? କି ବୁଦ୍ଧି କରିବ ଏବେ ?
ଶ୍ରେର ହୋଇ ଏବେ ଅରି କଲା ମନଶ୍ରେର;
ପ୍ରେମଡୋର ଫିଙ୍ଗିଲି ଦୂରକୁ ,
ନ ପଶୁଣୁ ରାଜଦୁର୍ଗେ
ପ୍ରବେଶିଲା ଆଗେ ମୋ ଅନ୍ତରେ,
ଲୁଟି କଲା ମୋ ହୃଦବପଣୀ,
ନାଶି ମନଶ୍ରେର ସେତୁ,

ତେଣୁ ନାମ ସ୍ନେହ ତା ମନ୍ତ୍ରୀରେ,
ଅହା ! କି କରିବ !
ଗଲା ଦିନ ନ ଫେରିବ ଆଉ ।

(କ୍ଷଣକାଳ ନୀରବ)

ଦେବେଁ ମୋର ଥା'ନ୍ତା ପକ୍ଷ
ଉଡ଼ି ଯାଇଥାନ୍ତି ସଙ୍ଗେ ସଙ୍ଗେ ।
ଆହା ରେ ଅଦୃଷ୍ଟ !
ପିତା ନଳେ ହେଲେ ସ୍ୱର୍ଗବାସୀ,
ମନସ୍କାମ ପୂରିଲା ତାଙ୍କର;
କେଡ଼େ ଦୁରଦୃଷ୍ଟ ମୋର !
ମୋହଲାଗି ବଇ ଯତ୍ନ
ଦେଶାନ୍ତର ହେଲେ ବାସୁଦେବ;
ସ୍ୱପନେ ଚଣ୍ଡିକାଦେବୀ ଦେଲେ ମଥାମଣି,
ମୋ କର୍ମକୁ ହେଲା ସେ ଅଶନ,
ଶୁଣିଥାନ୍ତେ ମନ୍ତ୍ରୀ କଥା,
ଅର୍ପିଥାନ୍ତେ ମୋତେ ସ୍ନେହ କରେ,
କାହିଁପାଇଁ ଲଗିଥାନ୍ତା ଏତେ ଗଣ୍ଡଗୋଳ ?
କିପାଁ ବହିଥାନ୍ତା ରକ୍ତସ୍ରୋତ ?
ପୁତ୍ରାଙ୍କୁବେ ଲଭିଥାନ୍ତେ ସୁଯୋଗ୍ୟ ତନୟ ।
ବଡ଼ ଅବଗ୍ରସ୍ତ ତାତ,
ଯାହା ଇଚ୍ଛା ତାହା ପଛେ ଘଟୁ ପର ଭାଗ୍ୟ
ନିଜ ଶ୍ରେୟ ନ ଭୁଲିବେ କେବେ;
ଚକ୍ଷି ନ ପାରିଲି ଯେତୁ ପର ମନ କଥା,

ପ୍ରତ୍ୟର୍ପଣକୁ ସେ କେବେ ନୁହଇ ଭଜନ !
ପୁଣି ଦେଖ,
ସ୍ୱଚ୍ଛାଠାରେ ପିତାଙ୍କର କିବା ଅଧିକାର ?
ନ ଭାଳବ ବୃଥା ଏଗୁଡ଼ାକ,
ଅକାରଣ ନ କାନ୍ଦବ ଆଉ,
କାନ୍ଦଲେ ନ ଯାଏ ଦୁଃଖ,
ଭାବନାରେ ଭାଗ୍ୟଦେବୀ ନୁହନ୍ତି ପ୍ରସନ୍ନ ।
ନ ଭାବବ ବୃଥା ଆଉ,
'ଭାଗ୍ୟଦେବୀ ଅନୁକୂଳ ଉଦ୍‌ଯୋଗିର,
ଅଳସ କଥାରୁ ସଦା ସେ ବଧିର ।'
ପୁଣି ବାଧା ବିଘ୍ନ —
ବାଧା ବିଘ୍ନ ତୁଚ୍ଛ ପ୍ରେମଠାରେ,
ପ୍ରେମର ଧରମ ଅଟେ ବିଘ୍ନ ଅତିକ୍ରମ ।
ମନ୍ଦାକିନୀ ପ୍ରେମ ଏ ମର୍ତ୍ତ୍ୟରେ,
ପ୍ରେମର ଅସାଧ୍ୟ କିଛି ନାହିଁ ଜଗତରେ,
ବଳ, ବୀର୍ଯ୍ୟ, ଉଦ୍‌ଯୋଗ, ସାହସ, ବୁଦ୍ଧି, ବିଦ୍ୟା
ସବୁ ପ୍ରେମ କରଇ ପ୍ରଦାନ,
ଅବଳକୁ କରେ ପ୍ରେମ ବଳି, —
ସ୍ତ୍ରୀକେ ଅବଳା ଯେତୁ,
ସ୍ତ୍ରୀକଟରେ ଅଛଇ ସେ ଖୁବୁ,
ତାର ସେତୁ ପ୍ରେମ ପ୍ରଭାବରେ;
ଦେଖ—ସୁଭଦ୍ରା ସ୍ୱହସ୍ତେ
ତୁଚ୍ଛ ମଣି କୁଳସି ଶାସନ

ଯାର ସଙ୍ଗ ମନାସିଲି ଯେବେ,
କି ଭବର ଥିଲି ତାର ଅଙ୍ଗେ ?
ଏକା ପ୍ରେମବଳେ ଯେଣ୍ଟୁ ଲଭିଲି ଦୟିତ,
ଅଯୁତ ଯାଦବ ଯୋଧ ଧାଇଁ ପଛେ ପଛେ
ନ ପାରିଲେ ଫେରାଇ ତା ମନ ।
ସେହି ପ୍ରେମ ବହ୍ନି ହୃଦେ
ଜଡ଼ ବସ୍ତୁ, ସମ ହେଲି ମୁହିଁ !
କାଟି ନ ପାରିଲି ଛାର ଲଜ୍ଜାର ଶୃଙ୍ଖଳ !
ଧିକ ମୋତେ !
କେତେ କେତେ ରସବତୀ ସେହି ପ୍ରେମବଶେ
ପଶୁଛନ୍ତି ଅକାତରେଁ ଜଳେ ବା ଅନଳେ ।
ପଶନ୍ତି ମୁଁ, ନାହିଁ ଭ୍ରାନ୍ତି,
ପଶିଲେ ମିଳନ୍ତେ ଯେବେ ଶ୍ରେୟ ବର ମୋତେ !
ନାହିଁ କିଛି ପ୍ରୟୋଜନ ଜଳ ଅନଳରେ;
ଏବା ସେହି ଦେବାଦତ୍ତ ଧନ—
ଏବା ସେହି ରତ୍ନବର ପଡ଼ନ୍ତା ମୋ ହସ୍ତେ
ତିଳଲେଶ ହୁଅନ୍ତେ ପ୍ରାଣେଶ,
ପ୍ରେମବଳେ ଛନ୍ଦପଡ଼ି କରିଲି ତାହାଙ୍କୁ
ପ୍ରେମିକାକୁଳରେ ଖ୍ୟାତି ରଖନ୍ତି ମହୀରେ ।

(ଷଣ୍ଠାଠ ଗାଇବ)

ନିଦ୍ରା ଯାଇଥିବେ ପିତା,
ମଣି ହରିବାର ଏବା ଏହି ଯୋଗ୍ୟ କାଳ,
ଏହିକାଳେ ଧରି ମୁଁ ସାହସ.

ପ୍ରବେଶି ପାଇଲେ କକ୍ଷେ,
କର୍ଣ୍ଣେ ମଣି ହେବ ହସ୍ତଗତ,
କଣ୍ଠେ ଜରି ଲଭିବ ଗ୍ରୈବକ ।

(ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ ।

କେଶରୀଙ୍କ ଶୟନ କକ୍ଷ ।

(କେଶରୀ ଗାଢ଼ନିଦ୍ରାଭିଭୂତ, ନନ୍ଦିକାର ଧୀର ପଦବିକ୍ଷେପରେ ଗୃହଅଭ୍ୟନ୍ତରୁ ଅନାଇ ଅନାଇ ପ୍ରବେଶ ।)

ନନ୍ଦିକା— ଆହା ! କି ମନୋହର ଦୃଶ୍ୟ ! କେଡ଼େ ସୁନ୍ଦର ମଣିଷ ! ଜକ୍ ଜକ୍ ହୋଇ ମସ୍ତକରେ ଜଳୁଛି ! ମୁଁ କେଡ଼େ ପାପୀୟସୀ ! ଧିକ୍ ମୋତେ ! ଯାର ପ୍ରେମ ନିମନ୍ତେ, ଯାର ପର ପ୍ରୀତି ନିମନ୍ତେ ଦେବତା ସଦୃଶ ପିତାଙ୍କୁ ଶିଶିଛଡ଼ା କରିବ ! (କ୍ଷଣକାଳ ନୀରବରେ ଦଣ୍ଡାୟମାନା) ପ୍ରେମ ! ପ୍ରୀତି ! ତୁହି ଏକାବେଳକେ ଏ ଅଭାଗିନୀକୁ ବାନ୍ଧ ରଖିଲୁ । ମୋହର ଆଉ କର୍ତ୍ତବ୍ୟ ନାହିଁ, ଏଣେ ପିତୃସ୍ନେହ, ତେଣେ ପ୍ରବଳ ପ୍ରେମ— ନନ୍ଦିକା ! ନନ୍ଦିକା ! କୁଳକଳଙ୍କିନୀ ନନ୍ଦିକା ! ତୋହ ପାଇଁ କଣ ମରଣ ନାହିଁ ? ହିତ ଏ ଆଗ ପଛକୁ ଅନା— କଣ କରିବ ? ଏ ମନ କାହିଁରେ ଟଳିବାକୁ ନାହିଁ ; ସେହି ଗ୍ରୈବ—ରେ ଗ୍ରୈବ ! ତୁ କଣ ମୋହର ସର୍ବସ୍ୱ ନେଇଗଲୁ ? ଓଃ ! ଦେହ ଥରୁଛି ! ମୁଣ୍ଡ ଭ୍ରମି

ଯାଉଛ ! ବତ୍ସ ! ବତ୍ସ ! କୁଆଡ଼େ ଅଛ ! ଅ—ଅ—
ଏ କଳଙ୍କିନୀର ମସ୍ତକ ଚୂର୍ଣ୍ଣ କରି ଦେଇଯା ! (ହଠାତ୍
ବସିପଡ଼ିବା) (ପୁନର୍ବାର ଉଠି) ନା—ନା—ନନ୍ଦକାର
ପ୍ରତିଜ୍ଞା ଅଟଳ ! ସାହସ ! ସାହସ ! ରେ ବୀର ଦେବତା !
ଏ ଅଭାଗିନୀର ବକ୍ଷରେ ମୁହୂର୍ତ୍ତକପାଇଁ ବସତି କର ।
(ଧୀରେ ଧୀରେ ଯାଇ ପିତାଙ୍କର ପଦ ସ୍ପର୍ଶ କରି)
ସ୍ନେହମୟ ପିତା ! ଏହି କଳଙ୍କିନୀ କୁମାରୀ ତୁମ୍ଭଠାରୁ
ଅଜ ଚିରବିଦାୟ ଗ୍ରହଣ କଲା ! (ଧୀରେ ଧୀରେ ଯଷ୍ଟି
ଗ୍ରହଣ) ପିତା ! ଯାହାକୁ ବାଲ୍ୟକାଳରୁ ନିଜର ନୟନ-
ମଣିତୁଲ୍ୟ ସମ ଲାଳନ ପାଳନ କରୁଥିଲ, ସେହି
ହତଭାଗିନୀ, କୁଳକଳଙ୍କିନୀ ନନ୍ଦିନୀ ଅଜ ତୁମ୍ଭଙ୍କୁ
ହତଶ୍ରୀ କରି ପରର ପ୍ରେମସାଗରରେ ଝାସ ଦେବାକୁ
ଯାଉଛି । ବିଦାୟ ଦେଇ ! ଚିରବିଦାୟ ! ଦୋଷ
ମାର୍ଜନା କରିବ ।

(ଚରଣ ବନ୍ଦନ, ସର୍ବ ନିଶ୍ୱାସ ତ୍ୟାଗ ଓ ଧୀରେ ଧୀରେ ପ୍ରସ୍ଥାନ ।)

ଷଷ୍ଠ ଦୃଶ୍ୟ ।

ନନ୍ଦକୁମାର କକ୍ଷ ।

(ସର୍ପ ଗବାକ୍ଷ ଦ୍ୱାର ବନ୍ଦ କରି ନନ୍ଦାର ମଣିହସ୍ତରେ ପ୍ରବେଶ)

ନନ୍ଦା—(ମଣି ଦେଖି ଦେଖି)
ଏହି ମଣି ! ଏହି ମଣି ! ଆହାହା !
ଏହି ମୋର ଜୀବନଦାୟକ !
ହେଲା ନ ହେବ ଆଉ,
ଯିବ ମୁଁ କେମନ୍ତେ ବେଗେ ବୈରୀ ଶିବିରକୁ,
ସ୍ୱଚ୍ଛନ୍ଦରେ ପଳାଇବେ, କି କରିବି !
ନଦୀଘାଟ ପଥ ଖୋଲା ଥିବ,
ସେହି ପଥେ ଯିବି ଏହିକ୍ଷଣି ।

(ପ୍ରସ୍ଥାନ)

(ସହଦେବର ପ୍ରବେଶ)

ସହ—ହାଁ ! ଏଠାରେ ତ ନାହାନ୍ତି ! ଲୁଚିକି ଗଲେ ! କେମାଦେଇ ଲୁଚିକି ଗଲେ ! ଶେଯ ପଲଙ୍କ ତ ନେଉଛାଳି ପାଉଛାଳି ଦେଖିଲି, କଣ ଉଭେଇଗଲେ ! କି କଥା ଏ ! ବଡ଼ ଆଶ୍ଚର୍ଯ୍ୟ କଥା ! ଆଜ ମୋ ମୁଣ୍ଡ ଗଲା ! ସେ ତ ଗୃହ ପାଞ୍ଚ ଦିନ ହେବ କେବଳ ଏହି ଧ୍ୟାନରେ ବସିଥିଲେ ଉଠୁଥିଲେ । କେଉଁଠିରେ ବି ତାଙ୍କ ମନ ନ ଥାଏ ! କଣ କରିବି ମୁଁ ! (ଅତି ବ୍ୟସ୍ତ ହୋଇ) ହେ ମା ଚଣ୍ଡୀ ! ମା ! ଏ ମୁଣ୍ଡ ରଖ ମା ! କେମାଦେଇଙ୍କୁ ମିଳାଇଦେ ।

ଗୀତ ।

 କ ହେଲା, କ ହେଲା, କ ହେଲା,
କେଉଁଅଙ୍ଗେ ହଜିଗଲା ମୋର ଗଳାହାର,
ଅବା କାଟି ନେଇଗଲା ଯତ୍ନ କେଉଁ ଚୋର,
କାଟି ନେଲାବେଳେ ଯା ନ ଦେଲା କେତେ ଝୁରି ।
ନେଲା ମୋର ହାର ମୋର ସ୍ୱାମୀ ହାର
ମଣି ଯାଉ ଯାଉ ।
ହେ ମା ଚଣ୍ଡି ! ଜଗଜ୍ଜନନି ଅଭୟଙ୍କରଦାୟିନି
ରକ୍ଷ ଏ ମୁଣ୍ଡ ଗଲାଟି ଭାସି ତୋର ବିନୟନ !
କର କରୁଣା କରୁଣାମୟି ନିତ୍ୟ ମୋ ମଥାମଣି ।
ଦେବ ଜବା ହାର ରକ୍ତପଦ୍ମ ହାର
ଶ୍ରୀଚରଣେ ତୋର ।

(ପ୍ରସ୍ଥାନ)

ସପ୍ତମ ଦୃଶ୍ୟ ।

ଶିବିରମଧ୍ୟସ୍ଥ ଭୁଜଙ୍ଗଦେବଙ୍କ କକ୍ଷ ।

(ଭୁଜଙ୍ଗଦେବ ଆସୀନ)

ଭୁଜଙ୍ଗ—କଥା କଣ !
ରଙ୍ଗ ଭୂଷା ପିନ୍ଧି ଭୂଷା
ଉଇଁ ଆସିଲେଣି ପୂର୍ବ ନଭେ,
ହେଲା ଆସି ରଜନୀ ପ୍ରଭାତ,
ତେବେ ଦେଖା ନ ଦେଲା ଅଦ୍ୟାପି;

ଛିନ୍ନ ମୂର୍ତ୍ତି

କେମନ୍ତେ ବୁଝିବ ମାୟା !
ଦେବଗଣେ ଅଗୋଚର ମାୟା ମାତାଙ୍କର,
ଦେବତା ଭ୍ରମଣେ ଘଟେ ନାନା ଶୁଭାଶୁଭ,
କେମନ୍ତେ ବୁଝିବ କଷ୍ଟ ଅଛି ମୋ କରମେ ?
ରାଜ୍ୟ ଦେଲୁ ନାହିଁ ମୋ ଲାଲସା ରାଜ୍ୟେ,
ଧର୍ମ ସ୍ଥାପିବାକୁ ଏକା ବାଞ୍ଛା ;
ଇଚ୍ଛା ପ୍ରଭୁଙ୍କର,
ଧର୍ମର ସହାୟ ସଦା ବ୍ରହ୍ମାଣ୍ଡଗୋସାଇଁ,
ପ୍ରଭୁ ଭକ୍ତପାଇଁ,
ରକ୍ଷିବାର ହେଲେ ଯେନ୍ତୁ
ରକ୍ଷିବେ ଯୋଗାଇ ତନ୍ତୁ ;
ସହାଇବେ ହୁଁ ମୋ ଦୁଃଖ ।

(ଗମନ)

(ସ୍ୱଗତଃ)

ଏ କି ହେଲା ପୁଣି !
କିଏ ଆସୁଅଛି ଏ ଯୁବତୀ ?
ଅବା କି ଏ ?
ଆସିଅଛି ଧରି ଦିବ୍ୟ ନାରୀବେଶ !
କେମନ୍ତେ ବୁଝିବ କିଏ ?
ଦେବୀ ନା ମାନବୀ ଏହି ?
ନା, ଛାୟା ଅଛି,
ନିଶ୍ଚୟ ମାନବୀ ଏ ତ,

ଦେଖାଯାଉ ଭବ ସେତୁ,
ଯେଉଁ ବାସନାରେ ଅବା
ଆସିଅଛୁ ଏକାକୀ ଯେ ଏ ଘୋର ବଣାରେ ।

(ନୀରବ)

(ନନ୍ଦିକାର ପ୍ରବେଶ)

ନନ୍ଦକା—(ସ୍ୱଗତ)
ଏହି ବୁଝେ ନର୍ତ୍ତେ ଛନ୍ତି,
ନର୍ତ୍ତେ ଛନ୍ତି ଏହି କକ୍ଷ ମଧ୍ୟରେ ମୋ ପାଇଁ;
ସୁସଜ୍ଜିତ ଏ କକ୍ଷଟି,
ଏହି ରତ୍ନ ସିଂହାସନେ
ବସିଛନ୍ତି, ଏହି ନର୍ତ୍ତେ,
ଏହି ମୋର ଜୀବର ଜୀବନ ।

(ଅଗ୍ରସର)

(ପ୍ରଣାମ କରି ପ୍ରକାଶ୍ୟେ)

ନରବର,
ଶ୍ରୀପଦପଙ୍କଜେ ତବ
ପ୍ରେମେ ବନ୍ଦୀ ହେଲା ଏ ଅଧୀନା ।
ଉତ୍କଳେଶ ସ୍ୱର୍ଣ୍ଣକେଶରୀ
ଅଟନ୍ତି ଜନକ ମୋର,
ନାମ ମୋ ନନ୍ଦକା;
ମିଳଇ ମୁଁ ପଦତଳେ
ହୋଇ ପ୍ରେମଭିକାରିଣୀ,
ନାସ୍ତିକ ସାପେକ୍ଷପାତ,

ନାରୀପ୍ରେମ ରାଜ୍ୟ-ଅନୁକୂଳ ସଦା;
ଅର୍ପିଅଛୁ ଶ୍ରୀପଦ୍ମରେ
କୈଶୋରଣି ଏହୁ ପିଣ୍ଡାଙ୍କର । (ମଣି ସ୍ଥାପନ)
ନୁହଇ କେବଳ ମଣି,
ଅଟଇ ଏ ପିତାଙ୍କ ଜୀବନ,
ସ୍ନେହରଞ୍ଜି ଶିରେ ତାହାଙ୍କର;
କଲୁ ଭଲ ଭକ୍ତବତ୍ସଳନ ତୁମ୍ଭେ,
ତେଣୁ ସମର୍ପିଲି ଏହା ଭକ୍ତଙ୍କ ହୃଦୟେ,
ମାଗୁଅଛୁ ପ୍ରେମ ପ୍ରତିଦାନେ,
ଶ୍ରେଷ୍ଠ ମଣି ତୁମ୍ଭ ସନ୍ତୋଷକୁ
ଦେଖିଲି ମୁଁ ଆଣିଅଛୁ ଏହା,
ଶଙ୍କଅଛୁ ପ୍ରାଣ ତୁମ୍ଭ ପଦେ,
ଏକମାତ୍ର ଯାଚ୍ଞା ତୁମ୍ଭ ପ୍ରେମ ।

ବୃନ୍ଦା—(ବଦନ୍ନରେ ଚତୁର୍ଦ୍ଦିଗରେ ନେତ୍ରପାତ).
(ସ୍ୱଗତ) ଅହୋ ! ସ୍ୱପନ ନା ସତ୍ୟ ଏହା !
ଜାଗ୍ରତ କି !
ଜାଗିଛି ନା ନିଦ୍ରିଛି ମୁଁ !
(ପ୍ରକାଶ୍ୟେ) ଯାର କୀର୍ତ୍ତିଗୀତି ଅମରବାସିଣୀ
ନାନ୍ଦଗମ୍ବା ପଦେ ବନ୍ଦେ ତରଙ୍ଗିଣୀ,
ଅଶେଷ ଦେଉଳ ଯାର ଏକାମ୍ରକାନନ
ଦଶୁଛନ୍ତି ଯଶୋରାଶି ଦେଖି ଦେବ ପୂଜ;
ଯାର କୀର୍ତ୍ତିମାଳା ଏହୁ ପ ତଳଜା ।

କାଠଯୋଡ଼ୀ ସ୍ରୋତ ଜନମେ ମେଖଳ;
ଯଯାତି, ଲଲାଟ, ମରକତ ଆଦି ସ୍ତୂପ
ଉଚ୍ଚନ୍ତି ଯେ କୂଳର କେତନ;
ଦୁଃଶୀଳା ତୁ,
ସେହି କୂଳେ ଜନ୍ମ କି ତୋହର ?
କେମନ୍ତେ ଜାଣିବ ଏହା ?
କେ କହିବ କେମନ୍ତେ ମିଶିଲା ଅସି
ଦେବବାଣୀ ସହ ଉପଭାଷା ?
କର୍ମନାଶା ପୂତ ଭଗୀରଥୀ ସ୍ରୋତେ ?
ସହିଲେ କି ଏ ଘୋର ପାତକ ମଧ୍ୟ
ସାର୍ଥକ କହିବେ ବୋଲି ସର୍ବଂସହା ନାମ ?
ପବିତ୍ର କେଶରୀ ବଂଶ,
ସେ ବଂଶରେ ଜାତ ହୋଇ ତୁହି
ଦେଶଦ୍ରୋହ, ରାଜଦ୍ରୋହ, ପିତୃଦ୍ରୋହ,
କଲୁ ଏକା କରଣିରେ ତିନ ମହାପାପ ?
ଅଦ୍ଭୁତ ସାଧନା ତୋର,
ପୁଣି, ଅବଳା ତୁ ,!
କି ସାହସେ କହ ମୋତେ
ବଳଲୁ ତୋ ଚିତ୍ତବୃତ୍ତି ଏ ଦାରୁଣ କାର୍ଯ୍ୟେ ?

କନକା—(ସ୍ୱଗତ)

ଅହୋ ! ଅହୋ ! କି କଲି ମୁଁ !
କି ଛାର କି ତୁଚ୍ଛ ସୁଦ୍ଧ

ଝାଁପ ଦେଇ ଅନଳଶିଖାରେ !
କି କରିବ ? କି ଉପାୟ ଏବେ ?
ଲଭିବ କି ପୂର୍ବବର୍ଣ୍ଣ ପୁଣି ?
ଅହୋ ! ହତାଶ ! ହତାଶ ସର୍ବଥା !
(ପ୍ରକାଶ୍ୟେ) ଅଗ୍ନି—

(ପ୍ରକାଶରେ ଅକ୍ଷମ

ଭୃଙ୍ଗ—ଦ୍ୱାରୀ—

(ଦ୍ୱାରୀର ପ୍ରବେଶ)

ଡାକ ଯାଇ ମନ୍ତ୍ରିଙ୍କୁ ବେଗେ ।

(ଦ୍ୱାରୀର ପ୍ରସ୍ଥାନ, କ୍ଷଣପରେ ମନ୍ତ୍ରିଙ୍କର ପ୍ରବେଶ)

ମନ୍ତ୍ରିବର ! ଅଣାଅ ଶିବିକା ବେଗେ,
ଦୂତ ରକ୍ଷିଦଳ ଦେଇ ସଙ୍ଗତରେ,
ନିଅ ଏ ମଣିଟି, (ମଣିପ୍ରଦାନ)
ପଠାଅ ଏ ମଣି ପୁଣି ଏ ରମଣୀ
ଏହିକ୍ଷଣି କେଶରୀନଗରେ ।

(ପଟକ୍ଷେପ)

ପଞ୍ଚମ ଅଭିନୟ ।

ପ୍ରଥମ ଦୃଶ୍ୟ ।

କେଶରୀଙ୍କ ନଗର ତୋରଣ ।

(ଶିବିକା, ପାଇକଗଣ, ପ୍ରହରୀ ଓ ଦୂତାଦି ପ୍ରବେଶ—କେଶରୀ ନାଟକରଣ ଓ ନେପଥ୍ୟେ ପ୍ରତିହାର)

ଦୂତ— ଖୋଲ ଦ୍ୱାର, ଦ୍ୱାରପାଳ !
ନେପଥ୍ୟେ— କିଏ ତୁମ୍ଭେ ? କେଉଁ ଠାରୁ ଆଗମନ ଏଥି ?
ଦୂତ— ଦୂତ ଅମ୍ଭେ ନୃସିଂହ ଦେବଙ୍କ,
ଆସିଅଛୁଁ ବିଶେଷ କାର୍ଯ୍ୟରେ,
ରାଜାଙ୍କ ସହିତେ ଅମ୍ଭ ଅଛି ପ୍ରୟୋଜନ ।
ନେପଥ୍ୟେ— ଶତ୍ରୁଭାବେ କିବା ମିତ୍ରଭାବେ ?
ଦୂତ— ମିତ୍ରଭାବେ ।
ନେପଥ୍ୟେ— ଦ୍ୱାର ଖୋଲିବାକୁ ଆଜ୍ଞା ନାହିଁ ରାଜାଙ୍କର,
ଅପେକ୍ଷା କରିବ ଯେବେ
ଜଣାଇବୁଁ ବେଗେ ଶ୍ରୀଛାମୁରେ;
ଆଜ୍ଞା ଯାହା ହେବ ତାହା ପାଳିବୁଁ ସତ୍ୱରେ ।
ଦୂତ— ଅଚ୍ଛା ତେବେ ଯାଅ ବେଗେ ବିଳମ୍ବ ନ କର,
(ନିଜ ପ୍ରହରୀଙ୍କ ପ୍ରତି) ମଣି କାହିଁ ?
୧ମ ପ୍ରହରୀ—(ଶିବିକାକୁ ଦେଖାଇ)
ଅଛି ମଣି ତାଙ୍କ ହସ୍ତେ ।

ଦୂତ—(ସ୍ୱଗତ) କେତେବେଳ ଲାଗିବ କେଜାଣି ।
ନେପଥ୍ୟେ—ଆଜ୍ଞା ହେଲା ଖୋଲିବାକୁ ଦ୍ୱାର ।
ଦୂତ— ଖୋଲ ତେବେ ।
(ଦ୍ୱାର ଉନ୍ମୋଚନ ଓ ସମସ୍ତଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

ଦୁର୍ଗମଧ୍ୟସ୍ଥ ଚତ୍ୱର ।

(ସୁବର୍ଣ୍ଣକେଶରୀ, ମନ୍ତ୍ରୀ, ପାରିଷଦଗଣ ଏବଂ ଶିବାଜୀ ଦୂତ ଚୂଡଙ୍ଗଦେବଙ୍କ ପ୍ରବେଶ)

ଦୂତ— ମହାରାଜ !
ଚୂଡ଼ଙ୍ଗ ଦେବଙ୍କ ଅଟେ ଦୂତ ଏ ଅଧୀନ,
ଶିବଜୀ ମଧ୍ୟରେ ଛନ୍ତି ତନୁଜା ଯମୁନା ।
ଗତବର୍ଷେ ଉନ୍ମାଦିନୀ ବେଶେ
ମିଳିଲେ ଏକାକୀ ଏଠୁ ଯାଇ ଶିବିରରେ
ସାରବର ଗଙ୍ଗଙ୍କ ଛାମୁରେ,
ଉଚ୍ଚ ହୋଇ ମାଗିଲେ ସେ ପ୍ରେମଭିକ୍ଷା,
ସେନ ଯାଇଥିଲେ ସଙ୍ଗେ ଜୈମନ୍ତ ତବ,
ଉପହାର ଛଳେ ତାହା ଅର୍ପିଲେ ଶ୍ରୀକରେ;
କଲୁ ବର ନୃପନ୍ତି ତ ଖାଲି ରଣଶ୍ୱାର,
ଧର୍ମବୀର ଖ୍ୟାତ ସେ ମହୀରେ,
ସତ୍ୟନିଷ୍ଠ, ସାଧୁବ୍ରତ, ଉଦାରହୃଦୟ,
ହେଲେ ଦେଖି ଏତ ଆତ୍ମୀୟ,

ଦୁଃଶୀଳତା ହେତୁ ତାଙ୍କ
ଜଲେ ତାଙ୍କୁ ବହୁତ ଧିକ୍କାର,
ଅବଲମ୍ବେ ଉଡାଇ ମନ୍ତ୍ରିଙ୍କୁ
ମନ୍ତ୍ରୀ ସହ ରମଣୀଙ୍କୁ
ପଠାଇଣ ଦେଲେ ଶିବିକାରେ;
ମନ୍ତ୍ରୀଅଛନ୍ତି ତାଙ୍କର ସହିତ ।

ସୁବର୍ଣ୍ଣ—(ସବିସ୍ମୟେ ସ୍ୱଗତ)
ଅହୋ ! କି ଅଦ୍ଭୁତ ବାର୍ତ୍ତା !
କନ୍ୟା ମମ ! ଏକମାତ୍ର ଧନ,
ଏକମାତ୍ର ଜୀବନପ୍ରତିମା !
ମିଳିଲା ସେ ଯାଇ ଅନ୍ତଃପୁରେ !
କିପ୍ରକାରେ ଗଲା ସେ ସେସ୍ଥାନେ ?
ଚତୁର୍ଦ୍ଦିଗେ ଦ୍ୱାରରକ୍ଷ,
ଚତୁର୍ଦ୍ଦିଗେ ପ୍ରହରୀ ଜାଗ୍ରତ,
କେହି ନ ପାରିଲେ ଦେଖି !
ଅଦ୍ଭୁତ ଏ; ଅତ୍ୟନ୍ତ ଅଦ୍ଭୁତ !
କଷ୍ଟ ଲ ସାଧ୍ୱସେ ଯେହୁ ଦେଖି ନିଜ ଛାୟା,
ଏକାକୀ କିସେ ଗଲା କି ସାହସେ !
କି ପ୍ରକାରେ ଗଲା ଏ ତିମିରେ !
(ପ୍ରକାଶ୍ୟେ)
ମନ୍ତ୍ରିବର ! ଡକାଅ ସଖୀଙ୍କୁ ବେଗେ,
ଶିବିକାରୁ ଅଣାଅ ହେମାକୁ,
ଯୋଗ୍ୟ କ୍ରିୟା କର ଏମାନଙ୍କର

ମନ୍ତ୍ରୀ—(ଦୂତାଦିଙ୍କ ପ୍ରତି) ଆସନ୍ତୁ ସମସ୍ତେ ।

(ମନ୍ତ୍ରୀ ଓ ଦୂତାଦିଙ୍କର ପ୍ରସ୍ଥାନ)

(ସଖୀଗଣ ପ୍ରବେଶ)

୧ମ ସଖୀ—କାହାନ୍ତି ସେ ? ଏତେ ରଙ୍ଗ ଆସେ ତାଙ୍କୁ ?

୨ୟ ସଖୀ—ଖୋଜାଇ ଖୋଜାଇ ଆଜ
ହଜାଇ ଦେଲେଣି ବୁଦ୍ଧି ।

୩ୟ ସଖୀ—ଏତେ ଆଜେ ଖୋଜିଲୁଁ ବୃଥାରେ,
ଆସିଥିଲେ ଦେଖିଥାନ୍ତୁ ଏଥି ।

୧ମ ସଖୀ—ଧରା ପଡ଼ି ଯାଇଥାନ୍ତେ ।

୩ୟ ସଖୀ—ରହ ରହ ଅନ୍ତଃପୁରେ
ଭଲ ନ ଲାଗିଲା ଆଉ,
ଦରବାର ଦେଖିବାକୁ
ଆସିଲେ ପଳାଇ ଥରେ ।

୨ୟ ସଖୀ—କେତେବେଳେ ଆସିଲେ କେମନ୍ତେ,
କେହି ନ ପାରିଲୁଁ ଜାଣି !

ସୁବର୍ଣ୍ଣ—ଶିବଦ୍ୱାରେ ଅଛୁ କେମା
ନେଇଯାଅ ବେଗେ ଅନ୍ତଃପୁରେ ।

୧ମ ସଖୀ—(ସଚକିତେ) ଶିବଦ୍ୱାରେ !
ଶିବଦ୍ୱାରେ କାହିଁ ଲୋ ସଜନି ?

(ଶିବଦ୍ୱାର ନିକଟକୁ ସମସ୍ତଙ୍କର ଧାବନ)

୨ୟ ସଖୀ—ଉଠ ଉଠ, କେମାଦେଇ !
ବୁଝିଲୁଣି, ବଡ଼ ସୁଚତୁରୀ ତୁମ୍ଭେ ।

୩ୟ ସଖୀ—ଉଠ ଏବେ, ହେଲା ଯେ ।

(ଝିଙ୍କାର ଦ୍ୱାର ମୋଚନ)

୨ୟ ସଖୀ—ନିଦ ଲାଗିଅଛି ପରାଁ,
ବୁଲି ବୁଲି ଅନିଦ୍ରାରେ
ଥକା ହୋଇ ପଡ଼ି ଯାଇଛନ୍ତି ।

(ଦୋହସର)

ଉଠ ବେଗେ, ଚାଲ ଅନ୍ତଃପୁରେ,
ଧବସ୍ଥରେ ଦରବାରେ ନୃପଇ ବହିତ ।
(ସମସ୍ତଙ୍କ ଚଉ) ଦେହ ଏତେ ଶୀତଳ କାହିଁକି ?

(ସମସ୍ତଙ୍କର ସ୍ପର୍ଶନ ଓ ଅବଲୋକନ)

ସମସ୍ତେ—କି ହେଲା ଲୋ, କି ହେଲା ସଜନି !

(ରୋଦନ)

କି କଲୁ ଲୋ ଶଳ ବିଧି !

(ରାଜା ଅନ୍ତଃପୁର ଓ କନ୍ୟାର ଦେହ ସ୍ପର୍ଶନ)

ସୁବର୍ଣ୍ଣ—ଅହୋ ! କି କଲୁ ବିଧାତା—
କେ ଶୁଣିବ ? କି ହେବ ଡ଼ାକିଲେ ଥୁଆ ?
ତନୁ ପାଣ୍ଡୁବର୍ଣ୍ଣ, ମୁଦ୍ରିତ ନୟନ,
ପିଣ୍ଡରେ ତ ନାହିଁ ତା ପରାଣ,
ଅହୋ ! ବିଧି କି କଲୁ ରେ !

(ଆରବ)

୧ମ ସଖୀ—ପଣତରେ ଏସ ଏ ଢାଙ୍କର ?

(ପଣତ ଘିଞ୍ଚା)

ମିଶିଥିଏ, ନେଶା ଶସ୍ତ୍ରେ,
ଅହା ! ଭିନ୍ନ ଯାଇଅଛ ଲୋଚନରେ—

(ସୈନ୍ୟାଙ୍କ ପ୍ରସ୍ଥାନ)

ସୁବର୍ଣ୍ଣ——(ପତ୍ର ଦର୍ଶନ କରି ପାରିଷଦଙ୍କୁ ପ୍ରଦାନ ।)

ପାରିଷଦ—(ପତ୍ର ପାଠ)

"ଛାଡ଼ ଜୀବନ୍ତ ଲୀଳା ସରୁଛି ମୋହର,
ଅନ୍ତିମେ ବନ୍ଦଇ ତୁମ୍ଭ ଶ୍ରୀପଦ୍ମର
ଶିରେ ଘେନ ଯାଉଅଛି ପାପଭାର
ଛନ୍ଦି, ଯହିଁ ତର-ମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବହୁଦିନ ବନ୍ଦ
ପାପଲାଗି ଏବେ ମୁକ୍ତ ହେବେ ମନ୍ତ୍ରୀ,
ଦୁଃସ୍ୱପ୍ନ ପରସ୍ପେ ପାସୋଇ ଅନ୍ତରେ
ମୋ ମୁଣ୍ଡ କହିବ ମୋହ ସମାଧିରେ,
କହିବ ମାତାଙ୍କୁ, ସୁତାକୁ ନ ଶୋଚ
ମୁଣ୍ଡ ପଛେ ତାକୁ ପଢାଇବେ ପୋଛି,
କହିଥିଲି ଯାଙ୍କୁ ପ୍ରାଣପତି କରି,
ବାସ୍ତବ୍ୟେ ଜାଣିବ ନିଜ ପ୍ରିୟ ଅରି,
ଅଭାଜନ ହେଲି ମୁହିଁ ପିତା ପିତଃ,
ନୋହିବ ତୁମ୍ଭର ଧର୍ମ କଳଙ୍କିତ,
ହେଲ ଯେଠାବେ ମାନବ ସଞ୍ଚାର,
କରିଇବ ମୋର ପିଣ୍ଡର ସତ୍କାର,
ଦୁଃଖିନୀଙ୍କ, ସଜ୍ଜା, ବନ୍ଧୁ ହେଲେ ବାମ,

ଏ ଜୀବନର ହେଲା ଏହି ପରିଣାମ,
ଛାର ପ୍ରାଣ ଯିବା ପଥରେ ହେଲାଣି,
ଶ୍ରୀପଦପଙ୍କଜେ ହେଉଛି ମେଳାଣି ।"

ସୁବର୍ଣ୍ଣ—ହା ବିଧାତା ରେ ! (ପାର୍ଶ୍ୱଜଣ୍ଡାୟ ତ୍ୟାଗ)
ମନ୍ତ୍ରିବର ! 'ଗ୍ୱେର ଗଙ୍ଗ'
ନହନ୍ତି ସେ ଅଛି ଆଉ,
ତନୁଜା ଅନ୍ତିମ ଇଚ୍ଛା ଅବଶ୍ୟ ପାଳିବ ।
କାୟଲ୍ୟେ ମଣ୍ଡିବ ତାଙ୍କୁ ନିଜ ପୁଷ୍ପ ପଦ ।
ତନୟା ସମାଧି କାର୍ଯ୍ୟ କରି ସମାପନ
ଯାଅ ବନେ ଶିବରେ ତାହାଙ୍କ,
ଅଣ ତାଙ୍କୁ ବର ସମ୍ବାଦରେ,
ମଣି ସହ ସିଂହାସନ
କରିବ ଅର୍ପଣ ବେଗେ ଗ୍ୱେରଗଙ୍ଗ କରେ,
ବନବାସୀ ହେବ ମୁହିଁ,
'ମହାନଦୀ ଘରେ ଏକ କର୍ମାଣି କୁଟୀର
କଟାଇବ ଶେଷ ପ୍ରାଣ ଅଂଶୁଦା ସମୀପେ,
ସେହି ସ୍ଥାନ ହେବ ମୋ ବସତି,
"ସ୍ୱର୍ଣ୍ଣପୁର" ତା ନାମ ରହିବ ମୋ ଅନ୍ତେ,
ନାହିଁ ପ୍ରୟୋଜନ ଆଉ ସଂସାର ବିଭବେ,
ସବୁ ଆଶା ପୂରିଅଛି ମୋର ।

ତୃତୀୟ ଦୃଶ୍ୟ ।

ଅନ୍ତଃପୁରମଧ୍ୟସ୍ଥ କକ୍ଷ ।

(ରାଣୀ ଓ କେତେକ ଜଣ ସଖୀଙ୍କର ପ୍ରବେଶ)

ଗୀତ ।

କି ହେଲା କେମନ୍ତେ ଲୋ କେହି ନ ବୁଝିଲୁଁ,
କେମନ୍ତେ ଲୋ ଗଲେ ଜେମା କେହି ନ ଦେଖିଲୁଁ ।
    କି ଉପାୟେ ନେଲା ଅଧ,
    କଲା ତାଙ୍କୁ ଏତେପର,
କପାଁ ଲୋ ବଧିଲା ପ୍ରାଣେ କେହି ନ ଜାଣିଲୁଁ ।

ରାଣୀ—କେମନ୍ତେ ଲୋ ଜଗିଥିଲ ?
ବିଶ୍ୱାସରେ ଜୀବନ ମୁଁ ଅର୍ପି ତୁମ୍ଭ କରେ
ଥିଲି ସଦା ନିଶ୍ଚିନ୍ତରେ,
ତୁମ୍ଭେ ପୁଣି ହେଲ ଗଲା କାହିଁ;
କି କହିବ, କି ବୁଦ୍ଧି କରିବ ?
କାହିଁ ଗଲା ଜୀବନରତନ ମୋର ?
କାହିଁ ଦେଖିଅଛ କେଉଁ ସ୍ଥାନ !
କାଷ୍ଠ ସାନ୍ଦ କି ଅବା ସେ ଜାଣେ !
ପକ୍ଷୀପକ୍ଷାଳି,
କୋଳ ବନ୍ଧୁ ଗୃହ ନ ଥିଲା ସେ ତଳେ,
ଅକ ପୁଣି—

(ଅନ୍ୟ କେତେକ ଜଣ ସଖୀ ଆଦି ଜାତ ପ୍ରବେଶ)

ସଖୀଗଣ—ବୁଡ଼ିଲାଣି ଭେଳା ସଖି, ବୁଡ଼ିଲା ଭରସା,
ଜେଁମାଦେଇ ନାହାନ୍ତି ଜୀବନେ ।

ରାଣୀ—(ଅଧୀରେ) କି କହୁଚ ?
ଅଲୋ ସଖି କି କହିଲ ?
ଜେମା ମୋର—ଜେମା ମୋର !
ଅଲୋ – ଅଲୋ – (ମୂର୍ଚ୍ଛା)

୧ମ ସଖୀ—ଧର ଟିଲୋ ଧର ଲୋ ସଖି !

(ସମସ୍ତଙ୍କର ଧାରଣ ଓ ଶୁଶ୍ରୂଷାକରଣ)

ଅମୃତ କରମ ମନ୍ଦ ସବୁ ପ୍ରକାରେ,
ସବୁ ଦଶା ଅମୃତ କପାଳେ !

୨ୟ ସ.—ଉଠ, ଉଠ, ଧୈର୍ଯ୍ୟ ଧର,
କି ହେବ କାନ୍ଦିଲେ ଆଉ ?

(ରାଣୀଙ୍କର ମୂର୍ଚ୍ଛାଭଙ୍ଗ)

ରାଣୀ— କିଏ ବଜ୍ର ହାଣିଲା ଲୋ ହୃଦୟେ ମୋହର,
କିଏ ହରିନେଲା ମଣି ମୋର ?
କାହାରି କି ବାଦ ଥିଲା ?
କିଏ ବାଦ ସାଧିଲା ଏକାଳେ !
କାହିଁରେ ଦାରୁଣ ବିଧି ଦେଲୁ ଏ ଦୂଷଣ ?
ଅନ୍ଧୁଣୀ ନୟନ ମୋର ଅନ୍ଧୁଣୀ ଜୀବନ,
ଏକା ଗତି, ଏକାନ୍ତ ସମ୍ପତ୍ତି;
ଏକମାତ୍ର ଜୀବନ ଭରସା ।

କି ଦୋଷରେ ହରିଲୁ ରେ ମୋରି ?
କାହିଁରେ କୋଳରୁ କାଢ଼ି ନେଲୁ କୋଳନିଧି ?
ନ ପୂରିଲା ବାଞ୍ଛା ତୋର କରି ପୁଣ୍ୟହୀନ,
ହୃଦଶୂନ୍ୟ କଲୁ ହରି ହୃଦପୂରିତନ ?
ବଜ୍ର ନିଦାରୁଣ ହୃଦ,
ବଜ୍ର ଶିଳ, ବଜ୍ର ରେ କପଟୀ
କହ ଲୋ ସଜନ ମୋତେ
କେଉଁ ମୂଢ଼ କେଉଁ ମନ୍ଦମତି
କି ଉପାୟେ ହରିଲା ମୋ ଜୀବନ

୧ମ ସ.— କି କହିବି ଆଉ ସେ ବାରତା !
ସତେ କାଳ କୈମାଦେଈ
ମିଳିଲେ କେମନ୍ତେ ଯାଇ ଅସ୍ତ ଶବରେ,
ସ୍ନେହ ବୀର ପଦେ ତହିଁ
ହେଲେ ପ୍ରେମଭିକାରିଣୀ—

ରାଣୀ— କେମନ୍ତେ ଲୋ ଗଲା ତହିଁ ?
ଦେଖିଥିଲା କେଉଁ ବାଟ ?
କୁସୁମ ପରଶ ଯେ ତ ସହି ନ ପାରଇ,
କେମନ୍ତେ ଲୋ ଗଲା ଶୂଳ କଣ୍ଟକେ ଦୁର୍ଗ ?
ଅବା ବୋଲ ନୃପଇ କି ନର ସେ କଠୋର,
ବଧିଲା କେମନ୍ତେ ତାକୁ ?

୧ମ ସଖୀ—ବଧି ନାହିଁ କେ କରେ,
ପ୍ରେମଭିକ୍ଷା ଛଳମୟେ
ପଠାଇ ଦେଲା ଯେ ତାଙ୍କ ପିତାଙ୍କ ଛାମୁକୁ ।

ଆସିବା ସମୟେ କେମା
କରଛନ୍ତି ଅମ୍ବୁଜଚଧ୍ୟା ପଥେ ଶିବଦ୍ୱାରେ ।
ରାଣୀ— ଆସିଅଛୁ ପୁରେ ମୋର ?
ଜାଅ ମୋତେ ଦେଖେଁ ତା ବଦନଖଣ୍ଡି ।

(ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ ।

ନନ୍ଦକେଶ୍ବରୀ ପଠା ।

(ସମାପ୍ତ ମଙ୍ଗଳ—ସମାପ୍ତ ନକ୍ଷତ୍ରରେ ଅପ୍ସରାମାନଙ୍କର ଅବତରଣ ଓ ଗୀତ ।)

ହେ ମହାନନ୍ଦ ପୁଣ୍ୟତୋୟା ଉତ୍କଳବକ୍ଷପ୍ରବାହିନୀ !
ଗଣ୍ଡଶୈଳବିଭୂଷିତବକ୍ଷା ଧୀରୁ ମନ୍ଦଗାମିନୀ,
ଶସ୍ୟଶ୍ୟାମଳତଟଶୋଭିନୀ ବୃକ୍ଷବୃନ୍ଦ-ଆଶ୍ରମଗର୍ଭ ଗୋ ।
ଚିରନନ୍ଦିନୀ ସଙ୍ଗିନୀ ତାପିତପ୍ରାଣତୋଷିଣୀ !
କେଶଶ୍ରୀଯୁତା ନନ୍ଦିକା ବୀର ପ୍ରେମେ ହୃଦ ଅଭିଳାଷ ଗୋ ।
ହୋଇ ବିଫଳପ୍ରୟାସ, ଅକୁଳେ ଜୀବନ ଦେଲୁଟି ଝାସ,
ହାଁ ଅନାଥା ଉତ୍କଳମାତା କେଶରୀବଂଶ ନିପାତ,
ଶାନ୍ତି ବରଷ ନନ୍ଦିକା ପ୍ରାଣେ ଶୁଭଶାନ୍ତିପ୍ରଦାୟିନୀ ।

ସମାପ୍ତ ।

Printed by V. Kar, The U. S. Press, Cuttack.